
সকাল THE SAKALA
# ସିନ୍ଦୂରା
ରବିବାର
ଜୁନ୍ ୧୪-୨୦, ୨୦୨୬
www.sakalaepaper.com

- ଏଲ୍ ନିନୋ ଓ ଭାରତୀୟ ଅର୍ଥ ବ୍ୟବସ୍ଥା
- ଏଲ୍ ନିନୋ ଭୟଙ୍କର ଜଳବାୟୁ ପ୍ରକ୍ରିୟା
- ଅଦୃଶ୍ୟ ଘାତକ
- ଏଲ୍ ନିନୋ ଯୋଗୁଁ ପ୍ରଭାବିତ ବିଶ୍ୱବ୍ୟାପୀ ପାଣିପାଗ
- ଚାଷ କାର୍ଯ୍ୟରେ ଏଲ୍ ନିନୋର ପ୍ରଭାବ



ପୃଥିବୀକୁ ମାଡ଼ି ଆସୁଛି ବଡ଼ ବିପତ୍ତି । ସମ୍ଭାବ୍ୟ ସୁପର୍ ଏଲ୍ ନିନୋକୁ ନେଇ ବଢୁଛି ଚିନ୍ତା । କାରଣ ଏହା ଏକ ଶକ୍ତିଶାଳୀ ଏଲ୍ ନିନୋ । ଏହାର ପ୍ରଭାବରେ ବଦଳି ଯିବ ସାରା ବିଶ୍ୱର ପାଣିପାଗ । ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେବ । ପ୍ରଭାବିତ ହେବେ ସାରା ବିଶ୍ୱବାସୀ । ହାହାକାର ହୋଇଉଠିବ ଜୀବଜଗତ । ତାପମାତ୍ରା ବୃଦ୍ଧି, କୃଷି ଉତ୍ପାଦନ ହ୍ରାସ, ଅର୍ଥନୀତିରେ ଅସ୍ଥିରତା, ସ୍ୱାସ୍ଥ୍ୟ ସମସ୍ୟା, ବିଭିନ୍ନ ଦ୍ରବ୍ୟର ଦରବୃଦ୍ଧି ଆଦି ନାନା ସମସ୍ୟା ସୃଷ୍ଟି ହେବ । ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେବାକୁ ଥିବା ସୁପର୍ ଏଲ୍ ନିନୋକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା ।

ପ୍ରସ୍ତୁତି 'ସକାଳ' ବ୍ୟୁରୋ



# ପ୍ରାକୃତିକ ବିପତ୍ତି ଏଲ୍ ନିନୋ

ଏଲ୍ ନିନୋ ହେଉଛି ପ୍ରଶାନ୍ତ ମହାସାଗର ସହିତ ଜଡ଼ିତ ଏକ ପ୍ରାକୃତିକ ଜଳବାୟୁ ପ୍ରକ୍ରିୟା । ଯେତେବେଳେ ମହାସାଗରର ମଧ୍ୟ ଓ ପୂର୍ବ ଭାଗରେ ପୃଷ୍ଠଜଳ ସାମାନ୍ୟରୁ ଅଧିକ ଗରମ ହୋଇଥାଏ, ତାହାକୁ ଏଲ୍ ନିନୋ କୁହାଯାଏ । ସମୁଦ୍ରର ତାପମାତ୍ରା ବଦଳୁଥିବା ପବନର ଦିଗ ଓ ଗତିକୁ ପ୍ରଭାବିତ କରିଥାଏ । ଏହି ଗରମ ପବନ ପୃଥିବୀର ବିଭିନ୍ନ ଅଞ୍ଚଳରେ ବର୍ଷା କରାଇଥାଏ । ତେବେ ପବନର ଗତି ବଦଳି ଯାଇ କେଉଁଠି ବର୍ଷା କମ୍ ହୋଇଯାଏ, ପୁଣି କେଉଁଠି କେଉଁଠି ଆବଶ୍ୟକତାଠାରୁ ଅଧିକ ବୃଷ୍ଟିପାତ ହୋଇଥାଏ । ବିଶେଷଜ୍ଞଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ଏଲ୍ ନିନୋ ବହୁତ ମଜବୁତ ହୋଇପାରେ । ବିଶ୍ୱ ପାଣିପାଗ ସଂଗଠନ ବା ଡବ୍ଲୁଏମ୍‌ଓର ତଥ୍ୟ ଅନୁସାରେ, ଏହାର ତାପମାତ୍ରା ସୂଚକାଙ୍କ ପ୍ରାୟ ୧.୮ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ପହଞ୍ଚିପାରେ । ଏହା ଏକ ଶକ୍ତିଶାଳୀ ଶ୍ରେଣୀର ବିପଜ୍ଜନକ ଏଲ୍ ନିନୋ । ମଧ୍ୟ ପ୍ରଶାନ୍ତ ମହାସାଗର ପୃଷ୍ଠଜଳ ତାପମାତ୍ରା ସାମାନ୍ୟରୁ ୨ ଡିଗ୍ରୀ ସେଲ୍‌ସିୟସ୍ ବା ତା'ଠାରୁ ଅଧିକ ହୋଇଥାଏ, ତାହାକୁ ସୁପର୍ ଏଲ୍ ନିନୋ କୁହାଯାଏ ।

ମାଡ଼ି ଆସୁଛି ବିପଦ । ଜଳବାୟୁକୁ ନେଇ ସାରା ବିଶ୍ୱରେ ଆସିପାରେ ବିରାଟ ପରିବର୍ତ୍ତନ । ଆଉ କେଇଟା ମାସ ଭିତରେ ଦେଖାଦେଇପାରେ ପ୍ରାକୃତିକ ବିପତ୍ତି । ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡ଼ିପାରେ । ପ୍ରାକୃତିକ ଜଳବାୟୁ 'ଏଲ୍ ନିନୋ' ଦ୍ୱାରା ପ୍ରଭାବିତ ହେବେ ସାରା ବିଶ୍ୱବାସୀ । କେଉଁଠି ସାମାନ୍ୟ ବର୍ଷା ହେବ ପୁଣି କେଉଁଠି ବନ୍ୟାର ତାଣ୍ଡବ ସୃଷ୍ଟି ହେବ ଅବା କେଉଁଠି ମରୁଡ଼ି ଯୋଗୁଁ ଲୋକେ ହାହାକାର ହେବେ । ସୁପର୍ ଏଲ୍ ନିନୋ ଯୋଗୁଁ ଚାଷ କାର୍ଯ୍ୟରେ ବାଧାପ୍ରାପ୍ତ, ଜଳ ସଂକଟ, ବିଭିନ୍ନ ଦ୍ରବ୍ୟର ଦରବୃଦ୍ଧି, ସ୍ୱାସ୍ଥ୍ୟ ସମସ୍ୟା, ଦୈନନ୍ଦିନ ଜୀବନଶୈଳୀ ପ୍ରଭାବିତ ହେବାର ସମ୍ଭାବନା ରହିଛି । ସୁପର୍ ଏଲ୍ ନିନୋ ଯୋଗୁଁ କେଉଁ କେଉଁ କ୍ଷେତ୍ର ପ୍ରଭାବିତ ହେବାର ସମ୍ଭାବନା ରହିଛି ତାକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

## ଶକ୍ତିଶାଳୀ ଏଲ୍ ନିନୋ

ଭାରତର ଅନେକ ଅଞ୍ଚଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ତୀବ୍ର ଭାବରେ ଆଗକୁ ବଢ଼ି ଚାଲିଛି । ଚଳିତ ବର୍ଷ ଭଲ ବର୍ଷା ହେବାର ଆଶା କରାଯାଉଛି । କେରଳ, ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ଏବଂ ପୂର୍ବୋତ୍ତରର କେତେକ ରାଜ୍ୟକୁ ମଧ୍ୟ ମୌସୁମୀ ଛୁଇଁଲାଣି । ସେପଟେ ବିଶ୍ୱ ଜଳବାୟୁକୁ ନେଇ ବଡ଼ ସଂକେତ ଆସୁଛି, ଯାହା ପାଣିପାଗ ବିଜ୍ଞାନୀ ଓ କୃଷି ବିଜ୍ଞାନୀମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ଲଗାତାର ଶକ୍ତିଶାଳୀ ହେଉଥିବା ସଂକେତ ମିଳୁଛି । ଆସନ୍ତା ମାସରେ ଏହା ମୌସୁମୀ ବାୟୁର ଗତିପଥ ଓ ବର୍ଷାକୁ ପ୍ରଭାବିତ କରିପାରେ । ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁସାରେ, ବର୍ତ୍ତମାନ ମୌସୁମୀର ଗତି ସାମାନ୍ୟ ଦ୍ରୁତ ହେବାରେ ଲାଗିଛି । ସେପଟେ ସମୁଦ୍ର ଉପରି ଭାଗ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଜଳବାୟୁ ପରିବର୍ତ୍ତନ ଭବିଷ୍ୟତ ପାଇଁ ଆହ୍ୱାନ ସୃଷ୍ଟି କରିଛି ।

## ମରୁଡ଼ି ସମ୍ଭାବନା

ସୁପର୍ ଏଲ୍ ନିନୋ ପ୍ରଭାବରେ ଭାରତ ବ୍ୟତୀତ ଆଫ୍ରିକାର ଅନେକ ଅଞ୍ଚଳରେ ବର୍ଷା ପରିମାଣ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି । ଇଥିଓପିଆର ରାଜଧାନୀ ଆଡିସ୍ ଆବାବା, ଘାନାର ରାଜଧାନୀ ଅକ୍ରା ଓ ନାଇଜେରିଆର ପ୍ରମୁଖ ସହର ଲାଗୋସରେ ସାମାନ୍ୟରୁ କମ୍ ବର୍ଷା ହୋଇପାରେ । ସେହିପରି ଦକ୍ଷିଣ ଆମେରିକାର ଉତ୍ତର ପୂର୍ବ ବ୍ରାଜିଲର ରେସିଫ୍ ଓ ଫୋର୍ଟାଲିଜା ସହରରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇପାରେ । ଅଷ୍ଟ୍ରେଲିଆର ସିଡନୀ, ମେଲବର୍ଣ୍ଣ, ପର୍ଥ ଆଦି ସହରରେ ମଧ୍ୟ ବର୍ଷା କମ୍ ହେବାର ଅନୁମାନ କରାଯାଉଛି । ଭାରତର ଅନେକ ଅଞ୍ଚଳରେ ମଧ୍ୟ ମରୁଡ଼ି ଦେଖାଦେବ ।





## ଅଧିକ ବର୍ଷା ଆଶଙ୍କା

ସୁପର୍ ଏଲ୍ ନିନୋ ପ୍ରଭାବରେ କେବଳ ବର୍ଷା ପରିମାଣ ହ୍ରାସ ପାଇବ ତାହା ନୁହେଁ, ବରଂ ବର୍ଷା ଅଞ୍ଚଳରେ ପରିବର୍ତ୍ତନ ଦେଖାଦେବ । କିଛି ଅଞ୍ଚଳରେ ମରୁଡ଼ି ପଡ଼ିବ । ଆଉ କେତେକ ସ୍ଥାନରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ଚଳିତ ବର୍ଷ ଦକ୍ଷିଣ ଆଫ୍ରିକାରେ ଅଧିକ ବର୍ଷା ହୋଇପାରେ । ଦକ୍ଷିଣ ଆଫ୍ରିକାର ଜୋହାନବର୍ଗ ଏବଂ ଜିମ୍ବାୱେର ହରାରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ସେଭଳି ପ୍ରଶାନ୍ତ ମହାସାଗରର ପୂର୍ବ ଅଞ୍ଚଳରେ ଏବଂ ଇକ୍ୱାଡୋର କିଛି ସମୁଦ୍ର ତଟ ଅଞ୍ଚଳରେ ମଧ୍ୟ ବହୁତ ବର୍ଷା ହେବାର ସମ୍ଭାବନା ରହିଛି ।



## ଅଧିକ କ୍ଷତିଗ୍ରସ୍ତ ହେବ ଭାରତ

ସୁପର୍ ଏଲ୍ ନିନୋର ସବୁଠାରୁ ବଡ଼ ପ୍ରଭାବର ଭାରତର ପାଣିପାଗ ଉପରେ ପଡ଼ିବ । ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁସାରେ, ଚଳିତ ବର୍ଷ ମୌସୁମୀ ଦୁର୍ବଳ ରହିପାରେ । ଦେଶରେ ଦୀର୍ଘକାଳୀନ ବର୍ଷା ହାରାହାରି ୯୦ ପ୍ରତିଶତ ରହିପାରେ । ଅର୍ଥାତ ଅନେକ ରାଜ୍ୟରେ କମ୍ ବର୍ଷା ହୋଇପାରେ । ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଭଳି ବଡ଼ ବଡ଼ ସହରରେ ମଧ୍ୟ ବର୍ଷା ପରିମାଣ କମ୍ ହୋଇପାରେ । ଏପରିକି ପୂର୍ବ ଭାରତର କିଛି ଅଞ୍ଚଳରେ ଏହାର ପ୍ରଭାବ ଅପେକ୍ଷାକୃତ କମ୍ ରହିବାର ସମ୍ଭାବନା ରହିଛି ।

୨୦୨୭ ମସିହାରେ ସାରା ବିଶ୍ୱକୁ ଏକ ବଡ଼ ସଂକଟର ସାମ୍ନା କରିବାକୁ ପଡ଼ିପାରେ । ପାଣିପାଗ ବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି ଯେ, ଚଳିତ ବର୍ଷ ଆସୁଥିବା ଏଲ୍ ନିନୋ ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ଶକ୍ତିଶାଳୀ ଏଲ୍ ନିନୋ ହୋଇପାରେ । ଫଳରେ ସାରା ବିଶ୍ୱରେ ତାପମାତ୍ରା ରେକର୍ଡସ୍ତରରେ ପହଞ୍ଚିବ । ଏହାର ସିଧାସଳଖ ପ୍ରଭାବ ଚାଷ କାର୍ଯ୍ୟ ଉପରେ ପଡ଼ିବ । ତେଣୁ କୃଷି କ୍ଷେତ୍ରରେ ବିପୁଳ କ୍ଷତି ହେବା ସହିତ ପାଣିର ଅଭାବ ଦେଖା ଦେଇପାରେ । ଚଳିତ ବର୍ଷ ଡିସେମ୍ବର ମାସ ପର୍ଯ୍ୟନ୍ତ ମଧ୍ୟ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସମୁଦ୍ରର ଉପରି ଭାଗର ତାପମାତ୍ରା ପ୍ରାୟ ୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ।



## କୃଷି କ୍ଷେତ୍ର ପ୍ରଭାବିତ

ଭାରତରେ କୃଷି କାର୍ଯ୍ୟ ବିଶେଷ କରି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ । ଏଲ୍ ନିନୋ ଧୀରେ ଧୀରେ ଶକ୍ତିଶାଳୀ ହେଉଥିବାରୁ ଏହାର ପ୍ରଭାବ ଯୋଗୁଁ ବୃଷ୍ଟିପାତରେ ଅସମାନତା, କିଛି ଅଞ୍ଚଳରେ କମ୍ ବର୍ଷା ବା କିଛି ଅଞ୍ଚଳରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ବର୍ତ୍ତମାନ ମୌସୁମୀ ସାମାନ୍ୟ ଗତିରେ ଆଗକୁ ବଢ଼ିବାରେ ଲାଗିଛି । ତେବେ ଆସନ୍ତା ମାସଗୁଡ଼ିକରେ ଏଲ୍ ନିନୋ ପ୍ରଭାବରେ ପାଣିପାଗର ଚିତ୍ର ବଦଳି ପାରେ । ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, କୃଷକ, କୃଷି ବିଭାଗ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ମୌସୁମୀ ସହିତ ଏଲ୍ ନିନୋର ସ୍ଥିତି ଉପରେ ନଜର ରଖିବାକୁ ପଡ଼ିବ । କାରଣ ଏହାର ପ୍ରଭାବରେ ଖରିଫ୍ ଫସଲ, ଜଳ ସଂସାଧନ ଓ ଗ୍ରାମୀଣ ଅର୍ଥବ୍ୟବସ୍ଥା ପ୍ରଭାବିତ ହୋଇପାରେ । ଭାରତ ପାଇଁ ବର୍ଷା କେବଳ ଏକ ଋତୁ ନୁହେଁ । ଏହା ସହିତ ଯୋଡ଼ି ହୋଇଛି ଲୋକଙ୍କ ଜୀବନଜୀବିକା । ଦେଶର ଅଧାରୁ ଅଧିକ ଜମିରେ ଚାଷ କାର୍ଯ୍ୟ ପାଇଁ ବର୍ଷା ପାଣି ଉପରେ ନିର୍ଭର କରିବାକୁ ପଡ଼ିଥାଏ । ୨୦୧୫-୨୦୧୬ ମସିହାରେ ବଡ଼ ଧରଣର ଏଲ୍ ନିନୋ ଆସିଥିଲା । ସେତେବେଳେ ଭାରତରେ ବାର୍ଷିକ ବର୍ଷା ମାତ୍ର ୮୬ ପ୍ରତିଶତ ହୋଇଥିଲା । ଫଳରେ ଦେଶର ବିଭିନ୍ନ ଅଞ୍ଚଳରେ ମରୁଡ଼ି ପଡ଼ିଥିଲା ।

ଦେଶର ପ୍ରାୟ ୬୦ ପ୍ରତିଶତ କୃଷକ ଚାଷ କାମ ପାଇଁ ବର୍ଷା ପାଣି ଉପରେ ନିର୍ଭର କରିଥାନ୍ତି । ଦୁର୍ବଳ ମୌସୁମୀର ପ୍ରଭାବ ପ୍ରଥମେ ମାଟି ଓ ତୁରନ୍ତ ଖାଦ୍ୟପେୟ ଜିନିଷର ମୂଲ୍ୟ ଉପରେ ପଡ଼ିଥାଏ । ଦେଶରେ ଆଜି ମଧ୍ୟ ଖାଦ୍ୟପେୟ ଜିନିଷର ଦର ବର୍ଷାକୁ ନେଇ ନିର୍ଦ୍ଧାରିତ ହୋଇଥାଏ । ଭଲ ବୃଷ୍ଟିପାତ ହେଲେ ଫସଲ ଉତ୍ପାଦନ ଅଧିକ ମାତ୍ରାରେ ହୋଇଥାଏ । ଆବଶ୍ୟକ ପରିମାଣରେ ପାନୀୟ ଜଳ ମିଳିଥାଏ । ଫଳରେ ଦେଶରେ ଖାଦ୍ୟପେୟ ଜିନିଷ ଅଧିକ ପରିମାଣରେ ଉପଲବ୍ଧ ହୋଇଥାଏ । ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ଏଲ୍ ନିନୋ ଯୋଗୁଁ ପ୍ରଭାବିତ ହୋଇ ମୌସୁମୀ ସାମାନ୍ୟ ହ୍ରାସ ପାଇ ୯୦% ରହିପାରେ । ଯଦି ଏଭଳି ହୁଏ, ତେବେ ୨୦୨୭ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରରେ ବିକାଶ ହାର ହ୍ରାସ ପାଇ ମାତ୍ର ୧.୨ ପ୍ରତିଶତରେ ସୀମିତ ରହିଯିବ । ଦୁର୍ବଳ ମୌସୁମୀ ଅର୍ଥାତ୍ ଫସଲ ଉତ୍ପାଦନ ହ୍ରାସ, ଫଳ, ପନିପରିବା, ଡାଲି ଓ ଖାଇବା ତେଲର ଦରବୃଦ୍ଧି ପାଇବ । ଗ୍ରାମାଞ୍ଚଳରେ ଲୋକମାନଙ୍କ ରୋଜଗାର କମିବ, ଦେଶରେ ଖାଦ୍ୟ ଓ ଶକ୍ତି ସଂକଟ ଦେଖାଦେବା ସହ ଦରବୃଦ୍ଧି ହେବାର ସମ୍ଭାବନା ଅଧିକ ରହିଛି ।

## ସ୍ୱାସ୍ଥ୍ୟ ସମସ୍ୟା

ଭାରତରେ ସମ୍ଭାବିତ ସୁପର୍ ଏଲ୍ ନିନୋ ଯୋଗୁଁ ଲୁ ପ୍ରବାହ, ପ୍ରଦୂଷଣ ଓ ରୋଗ ସଂକ୍ରମଣ ବିପଦ ବୃଦ୍ଧି ପାଇପାରେ । ଏଲ୍ ନିନୋ ଭଳି ପ୍ରାକୃତିକ ବିପତ୍ତିର ବ୍ୟାପକ ପ୍ରଭାବ ମଣିଷର ସ୍ୱାସ୍ଥ୍ୟ ଉପରେ ପଡ଼ିବ । ତାପମାତ୍ରା ପରିବର୍ତ୍ତନ ଓ ଭୀଷଣ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକେ ନାନା ରୋଗର ଶିକାର ହୋଇପାରନ୍ତି । ବିଶେଷ କରି ସଂକ୍ରାମକ ରୋଗ, କୁପୋଷଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସତର୍କ କରାଯାଇଛି ଯେ, ଲୁ ପ୍ରବାହିତ ହେତୁ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା କ୍ଷମତା ପ୍ରଭାବିତ ହୋଇପାରେ । ଫଳରେ ମୃତ୍ୟୁ ଭଳି ପରିସ୍ଥିତି ଉପୁଜି ପାରେ । ମୁଣ୍ଡ ବୁଲାଇବା, ଝାଳ କମ୍ ବୋହିବା ଭଳି ଲକ୍ଷଣକୁ ଅଣଦେଖା କରିବା ଉଚିତ ନୁହେଁ । ବିଶେଷ କରି ବାହାରେ କାମ କରୁଥିବା ବ୍ୟକ୍ତି, ଶିଶୁ, ବୃଦ୍ଧବୃଦ୍ଧା, ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କୁ ଅଧିକ ସତର୍କ ରହିବାକୁ ପଡ଼ିବ ।

## ରପ୍ତାନି ପ୍ରଭାବିତ

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଓ ବିଶ୍ୱ ମାନ୍ଦାବସ୍ଥା ଯୋଗୁଁ ଭାରତର ଦ୍ରବ୍ୟ ବିଦେଶରେ ଚାହିଦା ତୁଳନାରେ ଦୁର୍ବଳ ହୋଇପାରେ । ଫଳରେ ଆମର ରପ୍ତାନିସ୍ଥିତି ବହୁତ ପ୍ରଭାବିତ ହୋଇପାରେ । ସେହିପରି କମ୍ପାନିଗୁଡ଼ିକ ପାଇଁ କଞ୍ଚାମାଲ ଓ ଇନ୍‌ପୁଟ୍ ଦର ନିୟମିତ ବଢ଼ିବାରେ ଲାଗିଛି । ଫଳରେ କମ୍ ଲାଭ ହେଉଛି । ଭାରତର ଅର୍ଥବ୍ୟବସ୍ଥା ପାଇଁ ସବୁଠାରୁ ବଡ଼ ବିପଦ 'ଏଲ୍ ନିନୋ' ରୂପରେ ଆସୁଛି ।

## ଭାରତର ଅର୍ଥନୀତି ଉପରେ ପ୍ରଭାବ

ଭାରତର ପ୍ରଗତିରେ ପ୍ରତିବନ୍ଧକ ସାଜିପାରେ ସୁପର୍ ଏଲ୍ ନିନୋ । ଏଭଳି ଏକ ଚିନ୍ତାଜନକ ଖବର ସାମ୍ନାକୁ ଆସିବାରେ ଲାଗିଛି । ଆସନ୍ତା ଆର୍ଥିକ ବର୍ଷରେ (୨୦୨୭ ମସିହା) ଦେଶର ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇ ୬.୫ ପ୍ରତିଶତରେ ପହଞ୍ଚିପାରେ । ସେହିପରି କଞ୍ଚାମାଲର ଦରବୃଦ୍ଧି, ବିଶ୍ୱରେ ଭୂରାଜନୀତିକ ଯୁଦ୍ଧ ଏବଂ ଏଲ୍ ନିନୋର ପ୍ରଭାବରେ ଦୁର୍ବଳ ମୌସୁମୀ ଆଶଙ୍କା ଯୋଗୁଁ ଭାରତର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିପାରେ । କାରଣ ଚଳିତ ଆର୍ଥିକ ବର୍ଷ (୨୦୨୬ ମସିହା)ରେ ଭାରତ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି । ଭାରତ ପାଇଁ ଗତ ଆର୍ଥିକ ବର୍ଷ ମଧ୍ୟ ବହୁତ ଭଲ ଥିଲା । ଘରୋଇ ଚାହିଦା, ମଜବୁତ ନିବେଶ, ଉତ୍ତମ କୃଷି ଉତ୍ପାଦନ ଯୋଗୁଁ ଦେଶର ଜିଡିପି ୭.୭ ପ୍ରତିଶତ ବୃଦ୍ଧି ପାଇଥିଲା । ୨୦୨୬ ଆର୍ଥିକ ବର୍ଷରେ ସର୍ଭିସ୍ ସେକ୍ଟରରେ ୯.୩%, ମ୍ୟାନୁଫେକ୍ଚରରେ ୧୦.୭% ଅଭିବୃଦ୍ଧି ଘଟିଛି । ଭାରତର ଶକ୍ତିଶାଳୀ ଘରୋଇ ବଜାର ଏବଂ ଭିତ୍ତିଭୂମି ଉପରେ ସରକାରୀ ଖର୍ଚ୍ଚ ଦେଶର ଅଭିବୃଦ୍ଧିକୁ ୬ ପ୍ରତିଶତରୁ ଉପରକୁ ରଖିବ, କିନ୍ତୁ ଆସନ୍ତାବର୍ଷ ଦରବୃଦ୍ଧି, ଏଲ୍ ନିନୋର ପ୍ରଭାବ ଯୋଗୁଁ ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଏକ କଠିନ ପରୀକ୍ଷାର ସମୟ ହେବ ।

## ୟୁଏନ୍ ମୁଖ୍ୟଙ୍କ ଚେତାବନୀ



ବିଶ୍ୱ ପାଣିପାଗ ସଂଗଠନ ପକ୍ଷରୁ ସତର୍କ କରି ଦିଆଯାଇଛି ଯେ, ସେପ୍ଟେମ୍ବର ପ୍ରଥମରୁ ୮୦% ଓ ନଭେମ୍ବର ପ୍ରଥମରୁ ୯୦% ଜଳବାୟୁ ପରିବର୍ତ୍ତନର ସମ୍ଭାବନା ରହିଛି । ସଂଯୁକ୍ତ ରାଷ୍ଟ୍ରର ମହାସଚିବ ଏଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ଏଲ୍ ନିନୋ ୯୦% ନିଶ୍ଚିତତା ସହିତ ଆସୁଛି । ଏହି ଜଳବାୟୁ ପରିବର୍ତ୍ତନକୁ ସତର୍କତା ସହିତ ଗ୍ରହଣ କରିବା ଆବଶ୍ୟକ । ପ୍ରଥମରୁ ବିପଦଜ୍ଜନକ ଭାବେ ଗରମ ବୃଦ୍ଧି ପାଇବ । ସାରା ବିଶ୍ୱରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଏହାର ପ୍ରଭାବ ବହୁତ ଦୂର ପର୍ଯ୍ୟନ୍ତ ବ୍ୟାପିବ । ତେଣୁ ସମ୍ଭାବିତ ବିପଦକୁ ଏଡ଼ାଇବା ପାଇଁ କଠୋର ପଦକ୍ଷେପ ନେବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି ।

ସମ୍ଭାବିତ ସୁପର ଏଲ୍ ନିନୋ ଭାରତ ପାଇଁ ଅନେକ ଦୃଷ୍ଟିରୁ ବିପଦର କାରଣ ସାଜିପାରେ । ତେଣୁ ସମ୍ଭାବ୍ୟ ବିପଦରୁ ରକ୍ଷା ପାଇବା ପାଇଁ କଠୋର ପଦକ୍ଷେପ ନେବା ଆବଶ୍ୟକ । ସତର୍କତା ଅବଲମ୍ବନ କରି ସୁରକ୍ଷିତ ରହିବା ଉଚିତ ।



‘ଏଲ୍ ନିନୋ’ ହେଉଛି ଏକ ପ୍ରାକୃତିକ ଜଳବାୟୁ ପ୍ରଣାଳୀ, ଯାହା କେନ୍ଦ୍ରୀୟ ଏବଂ ପୂର୍ବ ଗ୍ରୀଷ୍ମମଣ୍ଡଳୀୟ ପ୍ରଶାନ୍ତ ମହାସାଗରରେ ସମୁଦ୍ର-ପୃଷ୍ଠ ତାପମାତ୍ରାର ନିରନ୍ତର ଉତ୍ତାପ ଦ୍ୱାରା ଘଟିତ ହୋଇଥାଏ। ଭାରତର ମୌସୁମୀ ବାୟୁ ଭୂମି ଏବଂ ସମୁଦ୍ର ମଧ୍ୟରେ ଚାପ ପାର୍ଥକ୍ୟ ଦ୍ୱାରା ପ୍ରଭାବିତ ହୋଇଥାଏ। ଏଲ୍ ନିନୋ ବର୍ଷଗୁଡ଼ିକରେ ଅଧିକ ଉଷ୍ମ ଏବଂ ସାଧାରଣତଃ ସ୍ୱାଭାବିକ ବର୍ଷାଠାରୁ ୧୦-୨୦ ପ୍ରତିଶତ କମ୍ ବର୍ଷା ହୋଇଥାଏ। ଏହି କାରଣରୁ ମୌସୁମୀ ବାୟୁର ବିଳମ୍ବିତ ଆଗମନ ଏବଂ ଅଧିକ ଶୁଷ୍କ ବର୍ଷା ହୋଇଥାଏ।

# ଏଲ୍ ନିନୋ ଓ ଭାରତୀୟ ଅର୍ଥବ୍ୟବସ୍ଥା



ଡକ୍ଟର ରମ୍ୟ ରଞ୍ଜନ ପଟେଲ

## ଖାଦ୍ୟ ମୁଦ୍ରାସ୍ଫୀତି

ଭାରତରେ ମୁଦ୍ରାସ୍ଫୀତିର ଦୁଇଟି ପ୍ରମୁଖ ଉତ୍ସ ରହିଛି, ଯାହା ମୁଖ୍ୟତଃ ‘ଅନିଶ୍ଚିତତା’ରୁ ସୃଷ୍ଟି ହୋଇଥାଏ। ମୌସୁମୀ ଅନିଶ୍ଚିତତା ଏବଂ ବିଶ୍ୱସ୍ତରୀୟ ଅନିଶ୍ଚିତତା ଦ୍ୱାରା ଖାଦ୍ୟ ମୁଦ୍ରାସ୍ଫୀତି ସୃଷ୍ଟି ହୋଇଥାଏ। ଏଲ୍ ନିନୋ ଦ୍ୱାରା ସୃଷ୍ଟି ହୋଇଥିବା ଅନିଶ୍ଚିତ ବର୍ଷା କୃଷି ଉତ୍ପାଦନ ଏବଂ ଏହାର ଯୋଗାଣକୁ ହ୍ରାସ କରିଥାଏ। ଚାହିଦା ସ୍ଥିର ରହିଥିବା ବେଳେ କୃଷି ସାମଗ୍ରୀଗୁଡ଼ିକର ଯୋଗାଣ ଅଭାବ ଓ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିଥାଏ। ଖାଦ୍ୟ ମୁଦ୍ରାସ୍ଫୀତି ଦ୍ୱାରା ଗରିବମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି। ତେବେ ଖାଦ୍ୟ



ମୁଦ୍ରାସ୍ଫୀତି ବୃଦ୍ଧି ହେତୁ ସମଗ୍ର ଅର୍ଥନୀତି ବ୍ୟାହତ ହୋଇଥାଏ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ, ଆର୍.ବି.ଆଇ. ସ୍ୱଳ୍ପକାଳୀନ ପଦକ୍ଷେପଗୁଡ଼ିକ ଗ୍ରହଣ କରି ଋଣ ହାର ବୃଦ୍ଧି କରିଥାଏ। ଯେତେବେଳେ ଆର୍.ବି.ଆଇ. ଋଣ ହାର ବୃଦ୍ଧି କରେ, ଋଣ ମୂଲ୍ୟ ବୃଦ୍ଧି ପାଏ। ଏହା ଋଣକୁ ନିରୁତ୍ସାହିତ କରେ, ମୋଟ ଖର୍ଚ୍ଚକୁ ମନ୍ଥର କରେ ଏବଂ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାରେ ସହାୟତା କରିବା ପାଇଁ ଅର୍ଥବ୍ୟବସ୍ଥାରୁ ଅତିରିକ୍ତ ଅର୍ଥକୁ ନିୟନ୍ତ୍ରଣ କରେ। ଏଭଳି ପଦକ୍ଷେପ ମୁଦ୍ରାସ୍ଫୀତିକୁ ସୀମିତ କରିପାରେ, କିନ୍ତୁ ଏହା ଆର୍ଥିକ ଅଭିବୃଦ୍ଧିକୁ ହ୍ରାସ କରିଥାଏ ଏବଂ ବେକାରୀ ସମସ୍ୟାକୁ ବୃଦ୍ଧି କରିଥାଏ।।

## ଚାହିଦା ହ୍ରାସ

ଅର୍ଥବ୍ୟବସ୍ଥାର ଉତ୍ପାଦନ, କ୍ରୟକ୍ଷମତା ଏବଂ ପ୍ରଭାବଶାଳୀ ଚାହିଦା ଉପରେ ନିର୍ଭର କରେ। ଭାରତରେ ଅଧିକାଂଶ ଜନସାଧାରଣ ଏବେ ବି କୃଷି ଉପରେ ନିର୍ଭର କରନ୍ତି, ଯାହା ବହୁ ମାତ୍ରାରେ ମୌସୁମୀ ଉପରେ ନିର୍ଭର କରେ। ମୌସୁମୀ ବର୍ଷା ଭଲ ହେଲେ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ଆୟ ବୃଦ୍ଧି ହୋଇଥାଏ। ଆୟ ବୃଦ୍ଧି ହେବା ପରେ ଲୋକମାନେ ସାଧାରଣତଃ ଅଣ-କୃଷି ସାମଗ୍ରୀ କିଣିଥାନ୍ତି। ଫଳସ୍ୱରୂପ, ଶିଳ୍ପ ସାମଗ୍ରୀ ଏବଂ ସେବା କ୍ଷେତ୍ରର ଚାହିଦା ବୃଦ୍ଧି ପାଇଥାଏ। ବର୍ଷା ସ୍ୱାଭାବିକ ଥିବା ବର୍ଷରେ ଦୁଇଚକିଆ ଯାନ, ଟ୍ରାକ୍ଟର, ଟେଲିଭିଜନ୍, ଫ୍ରିଜ୍, କାର୍ ଏବଂ ଅନ୍ୟାନ୍ୟ ଶିଳ୍ପ ଉତ୍ପାଦର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇଥାଏ। ଅର୍ଥବ୍ୟବସ୍ଥାର ଆକାର ବୃଦ୍ଧି ପାଇଥାଏ ଏବଂ ଅଧିକ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାଏ।

ସାଧାରଣତଃ ଏଲ୍ ନିନୋ ବର୍ଷରେ ହେଉଥିବା ଖରାପ ମୌସୁମୀ ସମୟରେ, ଫସଲର କ୍ଷୟକ୍ଷତି ଅଧିକାଂଶ ଲୋକଙ୍କ ଆୟରେ ବ୍ୟାପକ ହ୍ରାସ ଘଟାଇଥାଏ। ଏହା ଅର୍ଥବ୍ୟବସ୍ଥାରେ ପରିବର୍ତ୍ତନ ଆଣିଥାଏ, ପ୍ରଭାବଶାଳୀ ଚାହିଦା ହ୍ରାସ, ଉତ୍ପାଦନ ହ୍ରାସ, ଅର୍ଥବ୍ୟବସ୍ଥାରେ ସଙ୍କୋଚନ ଏବଂ ବେକାରୀ ସୃଷ୍ଟି କରିଥାଏ। ଏହା ବ୍ୟତୀତ, ମୌସୁମୀ ବିଫଳ ହେବା ଫଳରେ ଖାଦ୍ୟ ଦର ବୃଦ୍ଧି ଯୋଗୁଁ ଗରିବଙ୍କ ଖାଦ୍ୟ ସୁରକ୍ଷା ବିପଦରେ ପଡ଼ିଥାଏ। ବିକାଶଶୀଳ ଦେଶଗୁଡ଼ିକରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଖାଦ୍ୟ ଦର, ସେମାନଙ୍କ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରୁଛି।



ତେଣୁ ଅର୍ଥବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ ଅନିଶ୍ଚିତତାକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି। ମୌସୁମୀ ବିଫଳତାର ପ୍ରଭାବ ସୀମିତ କରିବା ପାଇଁ ଜଳସେଚନ ସୁବିଧାକୁ ଦ୍ରୁତ ଗତିରେ ସମ୍ପ୍ରସାରିତ କରିବାର ଆବଶ୍ୟକତା ରହିଛି। ସ୍ୱଳ୍ପ କାଳ ପାଇଁ ପାଣିପାଗ ପୂର୍ବାନୁମାନ ଏବଂ ନିରୀକ୍ଷଣରେ ଉନ୍ନତି ଆଣିବା ଆବଶ୍ୟକ, ଯାହା ମୌସୁମୀ ଉପରେ ଭଲ ନଜର ରଖିବାରେ ପାଣିପାଗ ବିଜ୍ଞାନୀମାନଙ୍କୁ ସହାୟତା କରିବ ଏବଂ କୃଷକ ଓ ନୀତି ନିର୍ମାତାମାନଙ୍କୁ ଆଗୁଆ ଚେତାବନୀ ପ୍ରଦାନ କରିବ। ଏଲ୍ ନିନୋ ବିଷୟରେ ଜ୍ଞାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ରାଜ୍ୟ, ସ୍ଥାନୀୟ ସରକାର, କୃଷି କ୍ଷେତ୍ର ଏବଂ ଜନସାଧାରଣଙ୍କୁ ଖାଦ୍ୟ ସୁରକ୍ଷା, ଜଳ ପରିଚାଳନା ଏବଂ ଅର୍ଥନୀତି ସହିତ ମୁକାବିଲା କରିବା ପାଇଁ ଏକ ଉତ୍ତମ ପ୍ରସ୍ତୁତି କରିବାରେ ସହାୟତା କରିପାରିବ। ■

ଆସୋସିଏଟ୍ ପ୍ରଫେସର, (ଅର୍ଥନୀତି), ସେଣ୍ଟର୍ ଫର୍ ଇକୋନୋମିକ୍ ଷ୍ଟଡିଜ୍ ଆଣ୍ଡ ପ୍ଲାନିଂ ( ସିଇଏସ୍‌ପି),
ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ, ପିନ୍: ୧୧୦୦୬୭, ମୋ: ୮୮୦୦୭୭୨୧



# ଏଲ୍ ନିନୋ ଭୟଙ୍କର ଜଳବାୟୁ ପ୍ରକ୍ରିୟା



## ଏଲ୍ ନିନୋର ସୃଷ୍ଟି

ଏହା ଜଳବାୟୁସମ୍ବନ୍ଧିତ ଏକ ଅତି ବିରଳ ଘଟଣା, ଯାହା ଦ୍ୱାରା ସମୁଦ୍ରର କିଛି ଅଞ୍ଚଳରେ ପୃଷ୍ଠ ଜଳର ତାପମାତ୍ରା ବଢ଼ିବା ଯୋଗୁଁ ହୋଇଥାଏ। ସାଧାରଣ ଭାବରେ ସାମୁଦ୍ରିକ ପବନ ଯାହା ପୂର୍ବରୁ ପଶ୍ଚିମକୁ ପ୍ରବାହିତ ହୋଇ ପଶ୍ଚିମ ପ୍ରବାହିତ ସମୁଦ୍ର ସ୍ରୋତକୁ ଚାଳିତ କରି ସମୁଦ୍ରର ଉଷ୍ମ ପୃଷ୍ଠଜଳକୁ ପଶ୍ଚିମ ଆଡ଼କୁ ଠେଲିଦିଏ। ଏପରିକି ଗଭୀର ସମୁଦ୍ରରୁ ଖାଦ୍ୟ ଉପାଦାନରେ ପୂର୍ଣ୍ଣ ଥଣ୍ଡା ଜଳକୁ ଦକ୍ଷିଣ ଆମେରିକାର ଉପକୂଳ ଆଡ଼କୁ ଯିବାକୁ ଦେଇଥାଏ। ଏହାଦ୍ୱାରା ମାଛ ଓ ଅନ୍ୟ ଜଳଚର ଜୀବନ ବଞ୍ଚିବାରେ ସହାୟକ ହୋଇଥାଏ। ଏହି ପବନକୁ ଆଶ୍ରିତ କରି ପୃଥିବୀରେ ବାଣିଜ୍ୟ କାରବାର ହୋଇଥାଏ। ତେଣୁ ଏହାକୁ ଟ୍ରେଡ୍ ଉଇଣ୍ଡ ବା ବାଣିଜ୍ୟ ପବନ ମଧ୍ୟ କୁହାଯାଏ। ଏଲ୍ ନିନୋ ପରି ଅପ୍ରତ୍ୟାଶିତ ପାଣିପାଗ ଘଟଣା ଯୋଗୁଁ କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରା ହାରାହାରି ଅପେକ୍ଷା ଯଥେଷ୍ଟ ଅଧିକ ଉଷ୍ମ ହୋଇଯାଏ। ହଠାତ୍ ସମୁଦ୍ର ଜଳର ପୃଷ୍ଠଭାଗ ତାପମାତ୍ରା ବଢ଼ି ଏହାର ବିପରୀତ ହେବାକୁ ଲାଗେ। ଉଭୟ ପବନ ଓ ଗରମ ଜଳ ଦକ୍ଷିଣ ମେରୁ ପରିବର୍ତ୍ତେ ଉତ୍ତର ଆଡ଼କୁ ଗତି କରେ। ଅତ୍ୟଧିକ ଗରମ ଜଳର ପ୍ରବାହ ଯେଉଁ ଆଡ଼କୁ ଯାଏ, ସେପଟେ ଅଧିକ ବର୍ଷା ହୁଏ। ସେପଟେ ବିଶ୍ୱର ଅନ୍ୟପଟରେ ବର୍ଷା ହେବାର ସମ୍ଭାବନା କମିଯାଏ। ଯେଉଁଥିପାଇଁ ୨୦୨୬ ମସିହାରେ ସମ୍ଭାବିତ ସୁପର୍ ଏଲିନିନୋ ଯୋଗୁଁ ପୃଥିବୀର ଦୁଇ ବିପରୀତ ପାର୍ଶ୍ୱରେ ଥିବା ଦୁଇଟି ସ୍ଥାନ ମଧ୍ୟରୁ ଗୋଟିଏରେ ପ୍ରବଳ ବର୍ଷା ଓ ଅନ୍ୟଟିରେ ବର୍ଷା ହେବ ନାହିଁ ବୋଲି ଅନୁମାନ କରାଯାଉଛି। ଫଳରେ ଭାରତର ଅନେକ ସ୍ଥାନ ସମେତ ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ଫିଲିପାଇନ୍ସ, ବ୍ରାଜିଲ ଓ ଆଫ୍ରିକାରେ ଅପେକ୍ଷାକୃତ କମ୍ ବର୍ଷା ହେବ ଓ ଏକୁଏଡେର ଏବଂ ଦକ୍ଷିଣ ଆଫ୍ରିକାରେ ପ୍ରବଳ ବର୍ଷା ହେବ।

ଊନବିଂଶ ଶତାବ୍ଦୀର ଷାଠିଏ ଦଶକରେ ପେରୁର ମାଛ ଧରାଳିମାନେ ରଙ୍ଗବେରଙ୍ଗି ଡଙ୍ଗାରେ ବିପୁଳ ମାଛ ଧରି ଜୀବିକା ନିର୍ବାହ କରୁଥିଲେ। ମାଛଧରି ଫେରୁଥିବା ଡଙ୍ଗା ଉପରେ ହଜାର ହଜାର ସାମୁଦ୍ରିକ ପକ୍ଷୀ ଉଡ଼ି ଉଡ଼ି ମାଛ ଖାଉଥିଲେ। ବର୍ଷକୁ ଏକକୋଟି ଟନ୍ ମାଛ ଧରି ପୃଥିବୀର ସର୍ବ ବୃହତ୍ ମାଛ ଉତ୍ପାଦନକାରୀ ରାଷ୍ଟ୍ର ଭାବରେ ୧୯୭୦ ମସିହା ବେଳକୁ ପେରୁ ଖ୍ୟାତି ଲାଭ କରିଥିଲା। ଯେହେତୁ ପେରୁର ଅଧିକତର ଜମି ଚାଷ ଅନୁପଯୋଗୀ ଏଠାକାର ଲୋକ ମାଛ ଧରି ଗୁଜୁରାଣ କରୁଥିଲେ। ମାତ୍ର ୧୯୭୨ ମସିହାରେ ହଠାତ ମାଛ ଧରା ଡଙ୍ଗାଗୁଡ଼ିକ କୂଳକୁ ଖାଲି ଫେରିଲା ଓ ମାଛ ନପାଇ ଲୋକଙ୍କ ଜୀବିକା ସଂକଟରେ ପଡ଼ିଲା। ମାଛ ଧରା ଡଙ୍ଗା ଉପରେ ନିର୍ଭର କରି ବଞ୍ଚୁଥିବା ହଜାର ହଜାର ସାମୁଦ୍ରି ପକ୍ଷୀ ମଧ୍ୟ ଭୋକରେ ମରିବାକୁ ଲାଗିଲେ। ପେରୁର ମାଛ ଧରାଳିମାନେ ଲକ୍ଷ କଲେ ଯେ, ହଠାତ୍ ଉଷୁମ ପାଣିରେ ମିଳୁଥିବା ମାଛ ଜାଲରେ ପଡ଼ିବାକୁ ଲାଗିଲେ ଓ ସମୁଦ୍ରର ତାପମାତ୍ରା ଗରମ ଥିଲା। ଆକାଶରେ କଳା ହାଣ୍ଡିଆ ମେଘ ଓ ପବନରେ ଯଥେଷ୍ଟ ଆର୍ଦ୍ରତା ଥିଲା। ଏହା ଖ୍ରୀଷ୍ଟମାସ ସମୟ ହୋଇ ଥିବାରୁ ସେତେବେଳେ ଲୋକମାନେ ଏକ ଈଶ୍ୱରୀୟ ଘଟଣା ଭାବରେ ବିଶ୍ୱାସ କରି ଏଲ୍ ନିନୋ ନାଁ ଦେଇଥିଲେ, ଯାହା ପ୍ରତି କିଛି ବର୍ଷ ବ୍ୟବଧାନରେ ବାରମ୍ବାର ଘଟିତ ହେଉଥିଲା। ୨୦୦୨ ମସିହାରେ ପ୍ରଖ୍ୟାତ ଟାଇମ ପତ୍ରିକାର ବିଜ୍ଞାନ ଲେଖିକା ମ୍ୟାଡେଲିନ୍ ନାଶ୍ ବିଶ୍ୱର ସବୁଠୁ ଚମତ୍କାରୀ ଓ ଗୁରୁତ୍ୱପୂର୍ଣ୍ଣ ପାଣିପାଗ ଘଟଣା ଭାବରେ ଏଲ୍ ନିନୋକୁ ତାଙ୍କର ବହୁ ଚର୍ଚ୍ଚିତ ପୁସ୍ତକରେ ଉଲ୍ଲେଖ କରିଥିଲେ।



ଡକ୍ଟର ନରେନ୍ଦ୍ର ସେଠୀ



## ଐତିହାସିକ ଦୁର୍ବିପାକ


ଏହି ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ଘଟଣା ଅତୀତରେ ପୃଥିବୀକୁ ଅନେକ ଐତିହାସିକ ଦୁର୍ବିପାକ ଦେଇଛି। ଏହାର ସବୁଠୁ ବଡ଼ ଉଦାହରଣ ହେଲା ୧୮୭୬ ରୁ ୧୮୭୮ ମସିହାରେ ଘଟିତ ହୋଇଥିବା ବୈଷିକ ଦୁର୍ବିପାକ, ଯାହା ଫଳରେ ଏଲ୍ ନିନୋ ଯୋଗୁଁ ପୃଥିବୀର ପାଞ୍ଚ କୋଟି ଲୋକ ଦୁର୍ଭିକ୍ଷରେ ମୃତ୍ୟୁ ବରଣ କରିଥିଲେ। ଏହା ଦ୍ୱାରା ଓଡ଼ିଶା ସମେତ ଅନ୍ୟ ବ୍ରିଟିଶ ସାମ୍ରାଜ୍ୟ ବାଦ ଇଲାକାରେ ୩ କୋଟିରୁ ଅଧିକ ଲୋକ ଖାଦ୍ୟ ଅଭାବରୁ ମରିଥିଲେ। ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ଏହି ସମୟରେ ହୋଇ ଏକ ତୃତୀୟାଂଶ ଲୋକ ମୃତ୍ୟୁ ବରଣ କରିଥିଲେ। ସେହିପରି ବ୍ରାଜିଲରେ ୨୦ ଲକ୍ଷ ଲୋକ ଏହି ସମୟରେ ମରିଥିଲେ। ଭାରତରେ ୧୮୯୯ ରୁ ୧୯୦୦ ମସିହା ଭିତରେ ଏଲ୍ ନିନୋ ପ୍ରଭାବରେ ମରୁଡ଼ି, ଦୁର୍ବିପାକ ଓ କଲେରା ପ୍ରଭୃତି ଯୋଗୁଁ ହଜାର ହଜାର ଲୋକ ମରିଥିଲେ। ତେବେ କଲମ୍ବିଆ ପରି ଅନେକ ପ୍ରାଚୀନ ସଭ୍ୟତା ଏହି ଏଲ୍ ନିନୋ ସମ୍ବନ୍ଧିତ ଦୁର୍ବିପାକ ଶିକାର ହୋଇ ଲୋପ ପାଇଥିଲେ। ୧୯୯୭ ମସିହାର ଐତିହାସିକ ‘ସୁପର ଏଲ୍ ନିନୋ’ ଯୋଗୁଁ ପ୍ରବାଳ କ୍ଷୟ, ଦକ୍ଷିଣ ପୂର୍ବ ଏସିଆରେ ଜଙ୍ଗଲ ନିଆଁ, ପେରୁ ଏବଂ ପୂର୍ବ ଆଫ୍ରିକାରେ ବିନାଶକାରୀ ବନ୍ୟା ସୃଷ୍ଟି କରି ସାରା ବିଶ୍ୱରେ ପ୍ରାୟ ୧୦୦ ବିଲିୟନ କ୍ଷତି ଘଟାଇଥିଲା। ୧୯୮୨-୧୯୮୩ରେ ହୋଇଥିବା ଶକ୍ତିଶାଳୀ ଏଲ୍ ନିନୋ ଫଳରେ ବିଶ୍ୱରେ ପ୍ରାୟ ୮ ବିଲିୟନ ଡଲାର କ୍ଷତି ହୋଇଥିଲା। ଏହା ଅଷ୍ଟ୍ରେଲିଆ ଏବଂ ଇଣ୍ଡୋନେସିଆରେ ଭୟଙ୍କର ମରୁଡ଼ି, ଦକ୍ଷିଣ ଆମେରିକା ଏବଂ ଆମେରିକାରେ ବିଶାଳ, ବିନାଶକାରୀ ବନ୍ୟା ଏବଂ ଭୂସ୍ଖଳନ ସୃଷ୍ଟି କରିଥିଲା। ୧୯୯୭ ମସିହାର ଐତିହାସିକ ‘ସୁପର ଏଲ୍ ନିନୋ’ ଯୋଗୁଁ ପ୍ରବାଳ କ୍ଷୟ, ଦକ୍ଷିଣ ପୂର୍ବ ଏସିଆରେ ଜଙ୍ଗଲ ନିଆଁ, ପେରୁ ଏବଂ ପୂର୍ବ ଆଫ୍ରିକାରେ ବିନାଶକାରୀ ବନ୍ୟା ସୃଷ୍ଟି କରି ସାରା ବିଶ୍ୱରେ ପ୍ରାୟ ବହୁ କ୍ଷତି ଘଟାଇଥିଲା।। ୨୦୧୫-୨୦୧୬ ମସିହାର ହୋଇଥିବା ଏଲ୍ ନିନୋ ବିଶ୍ୱସ୍ତରରେ ୬ କୋଟିରୁ ଅଧିକ ଲୋକଙ୍କୁ ଗୁରୁତର ଭାବରେ ପ୍ରଭାବିତ କରିଥିଲା। ଏହା ଇଥିଓପିଆରେ ୫୦ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ମରୁଡ଼ି ସୃଷ୍ଟି କରିଥିଲା, ହାଇତିରେ କୃଷି ଉତ୍ପାଦନ ବ୍ୟାପକ ଭାବେ ନଷ୍ଟ କରିଥିଲା। ପ୍ରାୟ ୧୫୦ ବର୍ଷ ପୂର୍ବେ, ଏହିପରି ପାଣିପାଗ ପରିବର୍ତ୍ତନ ଯୋଗୁଁ ଭାରତରେ ସବୁଠାରୁ ବଡ଼ ଦୁର୍ଭିକ୍ଷ ମଧ୍ୟରୁ ଗୋଟିଏ ସୃଷ୍ଟି କରିଥିଲା। ଅତି କମ୍‌ରେ ୫୫ ଲକ୍ଷ ଲୋକଙ୍କ ଜୀବନ ନେଇଥିଲା। ସୂଚନାଯୋଗ୍ୟ ଯେ, ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ଏହି ସମୟରେ ଅନେକ ଲୋକଙ୍କ ପ୍ରାଣ ହାନି କରିଥିଲା। ବର୍ତ୍ତମାନ ବୈଜ୍ଞାନିକମାନେ ସମୁଦ୍ର-ବାୟୁମଣ୍ଡଳ ସ୍ଥିତିକୁ ନୀରିକ୍ଷଣ କରିବା ସମୟରେ, ଏକ ଭୟାବହ ପ୍ରଶ୍ନ ଉଠୁଛି ଯେ, ଆସିବାକୁ ଥିବା ଏହି ସୁପର ଏଲ୍ ନିନୋ କ’ଣ ୧୮୭୬-୭୮ ଭଳି ଦୁଃଖଦ ଘଟଣାକୁ ପୁନରାବୃତ୍ତି କରିବ ?





## ଏଲ୍ ନିନୋର ମୁକାବିଲା

ଏଲ୍ ନିନୋର ମୁକାବିଲା କରିବା ଅର୍ଥ ହେଉଛି, ପାଣିପାଗର ହଠାତ୍ ପରିବର୍ତ୍ତନ ଯୋଗୁଁ ସାଧାରଣତଃ ପ୍ରଚଣ୍ଡ ଗରମ ଏବଂ ମରୁଡ଼ିର ମୁକାବିଲା ପାଇଁ ପ୍ରସ୍ତୁତ ହେବା। ତେଣୁ ପ୍ରମୁଖ ଉପାୟ ଗୁଡ଼ିକ ମଧ୍ୟରେ ଜଳ ସଂରକ୍ଷଣ କରିବା ଓ ଅତି ଅଧିକ ତାପମାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତୁ। ଘରକୁ ଥଣ୍ଡା ରଖିବା ପାଇଁ ଛାତକୁ ଧଳା ରଙ୍ଗ କରନ୍ତୁ ଓ ଝରକାରେ ଆବରଣ କିମ୍ବା ସୂର୍ଯ୍ୟ କିରଣ ପ୍ରତିଫଳିତ ଫିଲ୍ମ ଲଗାଇ ରଖନ୍ତୁ। ଘର ପାଖ କିମ୍ବା ନିକଟରେ ଥିବା ଡ୍ରେନ୍‌ଗୁଡ଼ିକ ସଫା କରି ଅତି ପ୍ରବଳ ବର୍ଷା ହେଲେ ଜଳ ନିଷ୍କାସନ ହେବାର ବ୍ୟବସ୍ଥା କରନ୍ତୁ। ଯଦି ଅଧିକ ଖରା କିମ୍ବା ଉଷ୍ମ ପ୍ରବାହ ଅନୁମାନ କରାଯାଏ ତାହେଲେ ଅଗ୍ନି ନିର୍ବାପକ ବ୍ୟବସ୍ଥା ପ୍ରସ୍ତୁତ କରି ରଖନ୍ତୁ। ଘରେ ଅତି କମ୍‌ରେ ପନ୍ଦର ଦିନ ପାଇଁ ଖାଦ୍ୟ ପଦାର୍ଥ ଗଚ୍ଛିତ ରଖନ୍ତୁ ଓ ମଶା ଜନିତ ଦାଉରୁ ରକ୍ଷା ପାଇବା ପାଇଁ ବ୍ୟବସ୍ଥା କରନ୍ତୁ। ଯଦି ଆପଣ ଚାଷୀ ତାହାଲେ ଜଳସ୍ତର ହ୍ରାସ ପାଇବା ପୂର୍ବରୁ ମରୁଡ଼ି ସହନଶୀଳ କିମ୍ବା ସ୍ୱଳ୍ପକାଳୀନ ଫସଲ କିସମ ଲଗାନ୍ତୁ। ■





ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର
ପରିବେଶ ନିରୀକ୍ଷଣ ପରୀକ୍ଷାଗାର, ଯାଦୁଗୁଡ଼ା
ପୂର୍ବ ସିଂଭୂମି, ଝାରଖଣ୍ଡ -୮୩୨୧୦୨, ମୋ: ୭୦୦୪୦୬୮୧୧୦

# ଅଦୃଶ୍ୟ ଘାତକ

**ପୃଥିବୀ ଆଜି ଏକ ଅଭୂତପୂର୍ବ ଜଳବାୟୁ ସଙ୍କଟର ସମ୍ମୁଖୀନ । ରେକର୍ଡ ଭାଙ୍ଗୁଥିବା ତାପମାତ୍ରା, ଅସହ୍ୟ ଗ୍ରୀଷ୍ମ ପ୍ରବାହ, ଅନିୟମିତ ବର୍ଷା, ଦୀର୍ଘସ୍ଥାୟୀ ଖରା ଏବଂ ହଠାତ୍ ବନ୍ୟା ଏବେ ବିଶ୍ୱର ଅନେକ ଦେଶର ଦୈନନ୍ଦିନ ବାସ୍ତବତା । ଏହି ପରିସ୍ଥିତିକୁ ଆହୁରି ଜଟିଳ କରୁଛି 'ଏଲ୍-ନିନୋ' ନାମକ ପ୍ରାକୃତିକ ଜଳବାୟୁ ପ୍ରକ୍ରିୟା । ବିଶ୍ୱ ପାଣିପାଗ ସଂଗଠନ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସତର୍କ କରିଛି ଯେ, ବିଶ୍ୱତାପନ ସହ ଏଲ୍ ନିନୋର ମିଶ୍ରିତ ପ୍ରଭାବ ମାନବ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା, ଜଳ ସମ୍ପଦ ଓ ଅର୍ଥନୀତି ଉପରେ ଦୀର୍ଘମିଆଦି ପ୍ରଭାବ ପକାଇପାରେ । ଏହା କେବଳ ଏକ ପାଣିପାଗ ଘଟଣା ନୁହେଁ; ବରଂ ଏହା ଏକ ବହୁମାତ୍ରିକ ମାନବିକ ଓ ସ୍ୱାସ୍ଥ୍ୟ ସଙ୍କଟର ରୂପ ନେଉଛି ।**



## ବଡ଼ ସ୍ୱାସ୍ଥ୍ୟ ସଙ୍କଟ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ଡବ୍ଲ୍ୟୁଏଚ୍ଓ ଅନୁସାରେ, ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ସମସ୍ୟାମାନଙ୍କ ମଧ୍ୟରୁ ଅନ୍ୟତମ । ଏଲ୍-ନିନୋ ସୃଷ୍ଟି ହେଉଥିବା ବର୍ଷରେ ବିଶ୍ୱ ତାପମାତ୍ରା ସାଧାରଣତଃ ଅଧିକ ରହିଥାଏ । ବିଶ୍ୱ ପାଣିପାଗ ସଂଗଠନର ରିପୋର୍ଟ ଅନୁଯାୟୀ, ୨୦୨୩ ଓ ୨୦୨୪ ମସିହା ବିଶ୍ୱର ସବୁଠାରୁ ଉଷ୍ମ ବର୍ଷମାନଙ୍କ ମଧ୍ୟରେ ସ୍ଥାନ ପାଇଛି, ଯାହା ପଛରେ ଏଲ୍ ନିନୋର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ତୀବ୍ର ଗରମ ହିଟ୍-ଷ୍ଟ୍ରୋକ, ଡିହାଇଡ୍ରେସନ୍, କିଡ୍‌ନି ରୋଗ, ହୃଦ୍‌ରୋଗ ଓ ଉଚ୍ଚ ରକ୍ତଚାପ ଜନିତ ସମସ୍ୟାକୁ ବଢ଼ାଇଥାଏ । ଶିଶୁ, ବୃଦ୍ଧ, ଗର୍ଭବତୀ ମହିଳା ଓ ବାହାରେ କାମ କରୁଥିବା ଶ୍ରମିକମାନେ ଏହାର ସର୍ବାଧିକ ଶିକାର ହୁଅନ୍ତି । ବିଶେଷଜ୍ଞଙ୍କ ମତରେ, ବିଶ୍ୱତାପନ ଓ ଏଲ୍ ନିନୋ ଏକାଠି ହେଲେ ଉତ୍ତାପ ତରଙ୍ଗ ଅଧିକ ଲମ୍ବା, ଘନ ଓ ଘାତକ ହୋଇଥାଏ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ, ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୪.୮ ୯ ଲକ୍ଷ ଲୋକ ଅତ୍ୟଧିକ ଗରମ ଜନିତ କାରଣରୁ ମୃତ୍ୟୁମୁଖରେ ପଡ଼ନ୍ତି । ଜଳବାୟୁ ପରିବର୍ତ୍ତନକୁ ଡବ୍ଲ୍ୟୁଏଚ୍ଓ '୨୧ଶ ଶତାବ୍ଦୀର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟ' ବୋଲି ବର୍ଣ୍ଣନା କରିଛି । ୨୦୩୦ରୁ ୨୦୫୦ ମସିହା ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଫଳରେ ପ୍ରତିବର୍ଷ ଅତିରିକ୍ତ ୨.୫ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିପାରେ ।



ଇଂ. ଗାର୍ଗୀ ମିଶ୍ର

PubMedରେ ପ୍ରକାଶିତ ଗବେଷଣା ରିପୋର୍ଟ ଅନୁଯାୟୀ ଏଲ୍ ନିନୋ ସମୟରେ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ମଶାବାହିତ ରୋଗର ପ୍ରକୋପ ବଢ଼ିବାର ସ୍ପଷ୍ଟ ଆଶଙ୍କା ଦେଖାଯାଏ । ଦୀର୍ଘସ୍ଥାୟୀ ଉତ୍ତାପ ତରଙ୍ଗ ଅବସାଦ, ଚିନ୍ତା ଓ ମାନସିକ ରୋଗର ଝୁଲି ବଢ଼ାଇଥାଏ । ଅତ୍ୟଧିକ ବର୍ଷା ଓ ବନ୍ୟା ପରେ ଜଳବାହିତ ରୋଗ ସଂକ୍ରମଣ ହାର ଦ୍ରୁତ ବୃଦ୍ଧି ପାଏ ।



## ମଶାବାହିତ ରୋଗ ବୃଦ୍ଧି

ଜାତିସଂଘ ଏବଂ ଡବ୍ଲ୍ୟୁଏଚ୍ଓର ବିଭିନ୍ନ ଅଧ୍ୟୟନ ଦର୍ଶାଉଛି ଯେ, ଜଳବାୟୁ ପରିବର୍ତ୍ତନ ମଶାବାହିତ ରୋଗଗୁଡ଼ିକର ବିସ୍ତାରକୁ ତ୍ୱରାନ୍ୱିତ କରୁଛି । PubMedରେ ପ୍ରକାଶିତ ଅନେକ ଗବେଷଣା ଅନୁସାରେ, ଏଲ୍ ନିନୋ ସମୟରେ ତାପମାତ୍ରା ଓ ବର୍ଷାର ଅସ୍ୱାଭାବିକ ପରିବର୍ତ୍ତନ ମଶାଙ୍କ ବଂଶବୃଦ୍ଧି ପାଇଁ ଆଦର୍ଶ ପରିବେଶ ସୃଷ୍ଟି କରେ ।

ବନ୍ୟା ପରେ ଜମି ରହୁଥିବା ପାଣି ଡେଙ୍ଗୁ, ମ୍ୟାଲେରିଆ, ଚିକନଗୁନିଆ ଓ ଜିକା ଭାଇରସ୍ ସଂକ୍ରମଣର ଆଶଙ୍କାକୁ ବଢ଼ାଇ ଦେଇଥାଏ । ବ୍ରାଜିଲ, ପେରୁ, ଥାଇଲାଣ୍ଡ ଓ ଇଣ୍ଡୋନେସିଆରେ ଏଲ୍ ନିନୋ ବର୍ଷଗୁଡ଼ିକରେ ଡେଙ୍ଗୁ ରୋଗୀ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି । ଓଡ଼ିଶା ଭଳି ଉଷ୍ମ ଓ ଆର୍ଦ୍ର ରାଜ୍ୟରେ ଏହି ବିପଦ ଆହୁରି ଗମ୍ଭୀର ହୋଇପାରେ ।

## ଜଳବାହିତ ରୋଗ ବ୍ୟାପିବାର ସମ୍ଭାବନା

ଏଲ୍ ନିନୋ ପ୍ରଭାବିତ ଅଞ୍ଚଳରେ ଅତ୍ୟଧିକ ବର୍ଷା ଓ ବନ୍ୟା ପାନୀୟ ଜଳ ଉତ୍ସକୁ ଦୂଷିତ କରିଦିଏ । ଡବ୍ଲ୍ୟୁଏଚ୍ଓ ଅନୁଯାୟୀ, ବନ୍ୟା ପରବର୍ତ୍ତୀ ସମୟରେ ହଇଜା, ଡାଇରିଆ, ଟାଇଫଏଡ୍ ଓ ଅନ୍ୟାନ୍ୟ ଜଳବାହିତ ରୋଗ ଦ୍ରୁତ ଗତିରେ ବ୍ୟାପିଥାଏ । ଅନ୍ୟପକ୍ଷରେ ଖରା ପ୍ରଭାବିତ ଅଞ୍ଚଳରେ ସୁରକ୍ଷିତ ପାଣିର ଅଭାବ ଲୋକମାନଙ୍କୁ ଅଶୁଦ୍ଧ ଜଳ ବ୍ୟବହାର କରିବାକୁ ବାଧ କରେ, ଯାହା ସ୍ୱାସ୍ଥ୍ୟ ବିପଦକୁ ଆହୁରି ବଢ଼ାଇଥାଏ ।









## ମାନସିକ ସ୍ୱାସ୍ଥ୍ୟ ସମସ୍ୟା

ଜଳବାୟୁ ବିପର୍ଯ୍ୟୟର ପ୍ରଭାବ କେବଳ ଶାରୀରିକ ସ୍ୱାସ୍ଥ୍ୟରେ ସୀମିତ ନୁହେଁ । ଡବ୍ଲ୍ୟୁଏଚ୍ଓ ଏବଂ ଅନ୍ୟାନ୍ୟ ଗବେଷଣା ସଂସ୍ଥା ଦର୍ଶାଇଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ ପରେ ଅବସାଦ, ଆତଙ୍କ, ନିଦ୍ରାହୀନତା ଓ ମାନସିକ ଚାପ ଗୁରୁତର ଭାବେ ବୃଦ୍ଧି ପାଏ । ଘରଦ୍ୱାର ହରାଇବା, ଜୀବିକା ନଷ୍ଟ ହେବା ଓ ଭବିଷ୍ୟତକୁ ନେଇ ଅନିଶ୍ଚିତତା ମଣିଷର ମାନସିକ ସ୍ଥିତିକୁ ଦୁର୍ବଳ କରିଦିଏ । କିଛି ଗବେଷଣାରେ ଦୀର୍ଘସ୍ଥାୟୀ ଉତ୍ତାପ ତରଙ୍ଗ ସହ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିର ସମ୍ପର୍କ ମଧ୍ୟ ଉଲ୍ଲେଖ କରାଯାଇଛି ।

## କେଉଁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ବିପଦ

ବିଶେଷ କରି ଶିଶୁ, ବୃଦ୍ଧ, ଗର୍ଭବତୀ ମହିଳା, ଦିନମଜୁରିଆ, ନିର୍ମାଣ ଶ୍ରମିକ, କୃଷକ, ହୃଦ୍‌ରୋଗୀ, କିଡ୍‌ନି ରୋଗୀ, ଦରିଦ୍ର ଓ ଖାଦ୍ୟ ଅସୁରକ୍ଷିତ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଏଲ୍ ନିନୋ ଅଧିକ ସମସ୍ୟା ସୃଷ୍ଟି କରିଥାଏ ।

## ଓଡ଼ିଶା ପାଇଁ ସତର୍କ ସଙ୍କେତ

ଭାରତୀୟ ପାଣିପାଗ ବିଭାଗ ଓ ଜଳବାୟୁ ବିଶେଷଜ୍ଞଙ୍କ ଆକଳନ ଅନୁସାରେ, ଏଲ୍ ନିନୋ ପ୍ରଭାବରେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ବର୍ଷା ପରିମାଣ କମିପାରେ । ତାପମାତ୍ରାର ତୀବ୍ରତା ବଢ଼ିପାରେ । ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ବଲାଙ୍ଗୀର, ବରଗଡ଼ ଓ ନୂଆପଡ଼ା ଭଳି ଜିଲ୍ଲାଗୁଡ଼ିକ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହା କୃଷି, ପାନୀୟ ଜଳ, ଜନସ୍ୱାସ୍ଥ୍ୟ ଓ ଗ୍ରାମୀଣ ଅର୍ଥନୀତି ପାଇଁ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରିପାରେ ।

## ପ୍ରସ୍ତୁତି ହିଁ ସୁରକ୍ଷା

ଜଳବାୟୁ ବିଶେଷଜ୍ଞମାନଙ୍କ ମତରେ, ଏଲ୍ ନିନୋକୁ ରୋକିବା ସମ୍ଭବ ନୁହେଁ; କିନ୍ତୁ ଏହାର ପ୍ରଭାବକୁ କମାଇବା ସମ୍ଭବ । ସେଥିପାଇଁ; ତାପମାତ୍ରା ଓ ବନ୍ୟା ପାଇଁ ପୂର୍ବ ସତର୍କତା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଜଳ ସଂରକ୍ଷଣ ଓ ପରିଚାଳନାକୁ ଗୁରୁତ୍ୱ ଦେବା, ରୋଗ ନିରୀକ୍ଷଣ ବ୍ୟବସ୍ଥାକୁ ମଜବୁତ କରିବା, ଜଳବାୟୁ-ସହନଶୀଳ କୃଷି ପଦ୍ଧତିକୁ ପ୍ରୋତ୍ସାହନ ଦେବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଆବଶ୍ୟକ ।



## ଖାଦ୍ୟ ଉତ୍ପାଦନ ପ୍ରଭାବିତ

ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (FAO) ସତର୍କ କରିଛି ଯେ, ଏଲ୍ ନିନୋ ବିଶ୍ୱ ଖାଦ୍ୟ ଉତ୍ପାଦନକୁ ଗୁରୁତର ଭାବେ ପ୍ରଭାବିତ କରିପାରେ । ଅନିୟମିତ ବର୍ଷା, ଖରା ଓ ଅତ୍ୟଧିକ ତାପମାତ୍ରା ଯୋଗୁଁ ଫସଲ ନଷ୍ଟ ହୁଏ, କୃଷି ଉତ୍ପାଦନ କମିଯାଏ ଏବଂ ଖାଦ୍ୟ ସାମଗ୍ରୀର ଦର ବଢ଼ିଯାଏ । ଏହାର ସବୁଠାରୁ ଅଧିକ ପ୍ରଭାବ ଗରିବ ପରିବାର, ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ଉପରେ ପଡ଼ିଥାଏ । ବିଶେଷଜ୍ଞମାନେ ସତର୍କ କରୁଛନ୍ତି ଯେ, କୁପୋଷଣ, ରକ୍ତହୀନତା ଓ ଶିଶୁ ବିକାଶ ଜନିତ ସମସ୍ୟା ଆଗାମୀ ଦିନରେ ବଢ଼ିପାରେ ।

ଏଲ୍ ନିନୋ କେବଳ ସମୁଦ୍ରର ଉଷ୍ମତା ବୃଦ୍ଧିର କାହାଣୀ ନୁହେଁ । ଏହା ମଣିଷର ସ୍ୱାସ୍ଥ୍ୟ, ଖାଦ୍ୟ, ଜୀବିକା ଓ ଭବିଷ୍ୟତ ସହ ଜଡ଼ିତ ଏକ ଗଭୀର ବୈଶ୍ୱିକ ଚ୍ୟାଲେଞ୍ଜ । ବିଶ୍ୱତାପନ ଓ ଏଲ୍ ନିନୋର ଯୁଗଳ ପ୍ରଭାବ ଆଗାମୀ ଦିନରେ ଆହୁରି ଭୟାବହ ହୋଇପାରେ ।



ଏହି ପରିସ୍ଥିତିରେ ବିଜ୍ଞାନ ଭିତ୍ତିକ ନୀତି, ସୁଦୃଢ଼ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସମୟୋପଯୋଗୀ ପ୍ରସ୍ତୁତି ହିଁ ମଣିଷକୁ ଏହି ଅଦୃଶ୍ୟ ଆଘାତରୁ ସୁରକ୍ଷା ଦେଇପାରିବ । ■

ଗବେଷିକା ଓ ସହ ପ୍ରାଧ୍ୟାପିକା
ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ଟାଙ୍ଗୀ, କଟକ

# ଏଲ୍ ନିନୋ ଯୋଗୁଁ ପ୍ରଭାବିତ ବିଶ୍ୱବ୍ୟାପୀ ପାଣିପାଗ




ନିକୁଞ୍ଜ ବିହାରୀ ସାହୁ

**ଏଲ୍ ନିନୋ ହେଉଛି ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବାଞ୍ଚଳ ଭାଗରେ ସମୁଦ୍ର ଜଳର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ଘଟିବାର ଏକ ପ୍ରାକୃତିକ ଘଟଣା । ସାଧାରଣତଃ ଏହା ପ୍ରତି ଦୁଇରୁ ସାତ ବର୍ଷ ମଧ୍ୟରେ ଥରେ ଘଟିଥାଏ । ଏଲ୍ ନିନୋ ସୃଷ୍ଟି ହେଲେ ବିଶ୍ୱର ବିଭିନ୍ନ ଅଞ୍ଚଳର ପାଣିପାଗ ଗୁରୁତର ଭାବେ ପ୍ରଭାବିତ ହୁଏ । ଏହା ବାୟୁମଣ୍ଡଳରେ ପ୍ରଚୁର ପରିମାଣର ସାମୁଦ୍ରିକ ତାପ ନିର୍ମୁକ୍ତ କରି ବିଶ୍ୱ ତାପମାତ୍ରାକୁ ବୃଦ୍ଧି କରେ, ଯାହା ବିଶ୍ୱବ୍ୟାପୀ ଅତି ଚରମ ପାଣିପାଗ ଅବସ୍ଥା ଏବଂ ତାପ ଲହରୀ ସୃଷ୍ଟି କରେ । ଭାରତରେ ଏହା ମୌସୁମୀ ବର୍ଷାକୁ ଦୁର୍ବଳ କରିବା ସହ ତାପମାତ୍ରା ବୃଦ୍ଧିରେ ସହାୟକ ହୁଏ ।**

## ଏଲ୍ ନିନୋ ଓ ବୈଶ୍ୱିକ ତାପମାତ୍ରା ବୃଦ୍ଧି

ଗତ କିଛି ବର୍ଷ ଧରି ପୃଥିବୀର ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯାଉଛି । ଏହାର ପ୍ରଭାବ ଭାରତ ଏବଂ ଓଡ଼ିଶାରେ ମଧ୍ୟ ସ୍ପଷ୍ଟ ଭାବେ ଅନୁଭୂତ ହେଉଛି । ଚଳିତ ବର୍ଷର ଅସହ୍ୟ ଗ୍ରୀଷ୍ମପ୍ରବାହ ଓ ଅତ୍ୟଧିକ ତାପମାତ୍ରା ପଛରେ ଏଲ୍ ନିନୋ ଏକ ପ୍ରମୁଖ ଭୂମିକା ରହିଛି ବୋଲି ବିଜ୍ଞାନୀମାନେ ମତ ପ୍ରକାଶ କରିଛନ୍ତି । ଏଲ୍ ନିନୋର ପ୍ରଭାବରେ, ଆମ ରାଜ୍ୟରେ ଗ୍ରୀଷ୍ମ ଋତୁ ସମୟରେ ତାପମାତ୍ରା ଅଧିକ ବଢ଼ି ଯାଏ ଏବଂ ତାପପ୍ରବାହର ଅବଧି ଲମ୍ବା ହୋଇଥାଏ । ଏପରିକି ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ ରୁ ୪୫ ଡିଗ୍ରୀ ସେଲସିୟସ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଏ । ଏହାଦ୍ୱାରା ଜନଜୀବନ ବିପର୍ଯ୍ୟସ୍ତ ହେବା ସାଙ୍ଗକୁ ଜଳସଙ୍କଟ ଦେଖାଦିଏ ଏବଂ କୃଷିକାର୍ଯ୍ୟ ବାଧାପ୍ରାପ୍ତ ହୁଏ । ଏବେ ବିଶ୍ୱ ତାପନ ଏବଂ ବୈଶ୍ୱିକ ଜଳବାୟୁ ପରିବର୍ତ୍ତନ ଏହି ସମସ୍ୟାକୁ ଅଧିକ ଗମ୍ଭୀର କରିଛି । ଜଙ୍ଗଲ ନଷ୍ଟ , ଶିଳ୍ପାୟନ, ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର ଏବଂ ମାତ୍ରାଧିକ ସବୁଜଘର ବାଷ୍ପର ନିର୍ଗମନ ଯୋଗୁଁ ପୃଥିବୀର ହାରାହାରି ତାପମାତ୍ରା କ୍ରମାଗତ ବଢ଼ୁଛି । ଏହା ସହ ଏଲ୍ ନିନୋର ପ୍ରଭାବ ମିଶି ଓଡ଼ିଶା ଓ ଭାରତ ସମେତ ବିଶ୍ୱର ଅଧିକାଂଶ ଦେଶରେ ଅଧିକ ଗରମ ଅନୁଭୂତ ହେଉଛି ।



## ଭାରତୀୟ ମୌସୁମୀ ଉପରେ ପ୍ରଭାବ

ସାଧାରଣତଃ, ଏଲ୍ ନିନୋ ସମୟରେ ଭାରତରେ ମୌସୁମୀ ବୃଷ୍ଟିପାତ ହ୍ରାସ ପାଇଥାଏ । ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପ୍ରବାହ ସମୟରେ ଦକ୍ଷିଣ ଆମେରିକାରୁ ପ୍ରବାହିତ ବାଣିଜ୍ୟ ପବନ ସାଧାରଣତଃ ପଶ୍ଚିମ ଦିଗରେ ଏସିଆ ମହଦେଶ ଆଡ଼କୁ ଅଗ୍ରସର ହୁଏ । ଏହି ବାୟୁ ରାସ୍ତାରେ ପ୍ରଶାନ୍ତ ମହାସାଗରର ଉପର ଦେଇ ଅତିକ୍ରମ କରିବା ସମୟରେ ଯଥେଷ୍ଟ ଉଷ୍ମତା ଗ୍ରହଣ କରି ଦୁର୍ବଳ ହୋଇଯାଏ । ଏହାଦ୍ୱାରା ପବନର ଆର୍ଦ୍ରତା ଏବଂ ଉତ୍ତାପ ଯଥେଷ୍ଟ ହ୍ରାସ ପାଏ, ଯାହା ଫଳରେ ଭାରତୀୟ ଉପମହାଦେଶରେ ବର୍ଷାର ହ୍ରାସ ଏବଂ ବୃଷ୍ଟିପାତରେ ଅସମାନ ବଣ୍ଟନ ପରିଲକ୍ଷିତ ହୁଏ । ଏହା ଭାରତରେ ବ୍ୟାପକ ମରୁଡ଼ି ଏବଂ ଦୁର୍ଭିକ୍ଷ ସୃଷ୍ଟି କରେ । ଭାରତରେ ୧୮ ୭୧ ମସିହା ପରଠାରୁ ପ୍ରମୁଖ ମରୁଡ଼ି ମଧ୍ୟରୁ କେବଳ ୬ଟି ଏଲ୍ ନିନୋ ଯୋଗୁଁ ବୋଲି ବିବେଚନା କରାଯାଇଛି, ଯାହା ମଧ୍ୟରେ ନିକଟ ଅତୀତର ୨୦୦୨ ଏବଂ ୨୦୦୯ ବର୍ଷର ମରୁଡ଼ିମାନ ଅନ୍ତର୍ଭୁକ୍ତ । ବିଗତ ୧୮୮୦ ରୁ ୨୦୧୪ ମସିହା ପର୍ଯ୍ୟନ୍ତ ୧୩୫ ବର୍ଷର ପାଣିପାଗ ବିବରଣୀରୁ ଜଣାଯାଏ ଯେ, ବିଗତ ଏଲ୍ ନିନୋ ବର୍ଷଗୁଡ଼ିକ ମଧ୍ୟରୁ ପ୍ରାୟ ୯୦% ବର୍ଷ ସାଧାରଣଠାରୁ ସ୍ୱଳ୍ପ ବୃଷ୍ଟିପାତ ପ୍ରବଣ ପାଲଟି ଥିଲା ଏବଂ ୬୫% ବର୍ଷରେ ଘୋର ମରୁଡ଼ି ପରିଲକ୍ଷିତ ହୋଇଛି । ସୁତରାଂ ଏହା ସ୍ପଷ୍ଟ ଯେ, ଏଲ୍ ନିନୋ ଭାରତୀୟ କୃଷିର ମୂଳାଧାର ମୌସୁମୀ ବାୟୁକୁ ଦୁର୍ବଳ କରି ଜଳବାୟୁ ଏବଂ ପାଣିପାଗ ବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଏହାର ଫଳସ୍ୱରୂପ, ଦେଶର ଫସଲ ଉତ୍ପାଦନ ଏବଂ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଥାଏ ।



## ଅତୀତରେ ଏଲ୍ ନିନୋର ଭୟାବହତା

ବିଗତ ୧୯୮୨-୮୩ ଏବଂ ୧୯୯୭-୯୮ ମସିହାର ଏଲ୍ ନିନୋଗୁଡ଼ିକ ବିଂଶ ଶତାବ୍ଦୀର ସବୁଠାରୁ ତୀବ୍ର ଘଟଣା ଥିଲା । ୧୯୮୨-୮୩ ମସିହାର ଘଟଣାଗୁଡ଼ିକ ସମୟରେ, ପୂର୍ବ କ୍ରାନ୍ତିମଣ୍ଡଳୀୟ ପ୍ରଶାନ୍ତ ମହାସାଗରରେ ସମୁଦ୍ରପୃଷ୍ଠର ତାପମାତ୍ରା ସାଧାରଣଠାରୁ ଅନେକ ଡିଗ୍ରୀ ଅଧିକ ଥିଲା । ତାପମାତ୍ରାର ଏହି ପ୍ରବଳ ବୃଦ୍ଧି ଯୋଗୁଁ ଜଳବାୟୁରେ ଗୁରୁତର ପରିବର୍ତ୍ତନ ଘଟିଥିଲା ଯାହାର କେତୋଟି ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା । ଅଷ୍ଟ୍ରେଲିଆର ଅଧିକାଂଶ ଅଞ୍ଚଳ ଦାରୁଣ ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହୋଇଥିଲା; ଟାଇଫୁନ୍ ଭଳି ସାମୁଦ୍ରିକ ଝଡ଼ ତାହିତିରେ ଧ୍ୱଂସର ତାଣ୍ଡବଲୀଳା ରଚନା କରିଥିଲା । ସେହିପରି ଅଭୂତପୂର୍ବ ବର୍ଷା ଏବଂ ବନ୍ୟା ଯୋଗୁଁ କେନ୍ଦ୍ରୀୟ ଚିଲି ନାହିଁ ନଥିବା ସଙ୍କଟର ସମ୍ମୁଖୀନ ହୋଇଥିଲା । ଉତ୍ତର ଆମେରିକାର ପଶ୍ଚିମ ଉପକୂଳରେ ଶୀତ ଋତୁରେ ମଧ୍ୟ ଅଶାନ୍ତ ଝଡ଼ମାନ ଉଠିଥିଲା । ଚିଲିରୁ ଆଲାସ୍କା ପର୍ଯ୍ୟନ୍ତ ସବୁଠି ମତ୍ସ୍ୟ ଉତ୍ପାଦନ ଗୁରୁତର ହ୍ରାସ ପାଇଥିଲା । ସେହିପରି ୧୯୯୭-୯୮ ମସିହାର ଏଲ୍ ନିନୋକୁ ବିଂଶ ଶତାବ୍ଦୀର ସବୁଠାରୁ ଶକ୍ତିଶାଳୀ ଘଟଣା ଭାବରେ ବିବେଚନା କରାଯାଏ । ଏହା ସର୍ବପ୍ରଥମ ଏଲ୍ ନିନୋ ଘଟଣା ଥିଲା ଯାହାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗଭୀର ପର୍ଯ୍ୟବେକ୍ଷଣ କରାଯାଇଥିଲା । ବିଗତ ୧୯୯୭-୯୮ ମସିହାର ଏଲ୍ ନିନୋ ଘଟଣା ଇଣ୍ଡୋନେସିଆ, ମାଲେସିଆ ଓ ଫିଲିପାଇନ୍ସରେ ଗୁରୁତର ମରୁଡ଼ି ପରିସ୍ଥିତି ସୃଷ୍ଟି କରିବା ସଙ୍ଗେ ସଙ୍ଗେ ପେରୁରେ ପ୍ରବଳ ବର୍ଷା ଏବଂ ଭୟଙ୍କର ବନ୍ୟା ସଂଘଟିତ କରିଥିଲା । ଏହାର ପ୍ରଭାବରେ ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆରେ ଶୀତଦିନେ ପ୍ରବଳ ବୃଷ୍ଟିପାତ ଘଟିଥିଲା । ସେହିପରି ମଧ୍ୟପଶ୍ଚିମ ଭାଗରେ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇ ପୂର୍ବର ସମସ୍ତ ରେକର୍ଡକୁ ଭଙ୍ଗ କରିଥିଲା ।

ସୁତରାଂ ଏଲ୍ ନିନୋ ଓ ଜଳବାୟୁ ପରିବର୍ତ୍ତନର ମିଳିତ ପ୍ରଭାବ ଯେ ସମଗ୍ର ବିଶ୍ୱରେ ତାପପ୍ରବାହକୁ ଅଧିକ ତୀବ୍ର କରିଛି ଏଥିରେ ସନ୍ଦେହ ନାହିଁ । ଏହାଦ୍ୱାରା ମଧ୍ୟ କ୍ରାନ୍ତିମଣ୍ଡଳୀୟ ଝଡ଼ର ସଂଖ୍ୟା ଓ ତୀବ୍ରତା ବୃଦ୍ଧି ପାଇଛି । ଏଲ୍ ନିନୋ ଏକ ପ୍ରାକୃତିକ ଘଟଣା ହୋଇଥିଲେ ମଧ୍ୟ ଏହାର ପ୍ରଭାବକୁ ହ୍ରାସ କରିବା ପାଇଁ ଆମକୁ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ । ବୃକ୍ଷରୋପଣ, ଜଳ ସଂରକ୍ଷଣ ଏବଂ ପ୍ରଦୂଷଣ ହ୍ରାସ ଭଳି ପଦକ୍ଷେପ ଜଳବାୟୁ ପରିବର୍ତ୍ତନର ଗତିକୁ ମନ୍ଥର କରିପାରିବ । ସରକାର ଓ ସାଧାରଣ ଜନତାଙ୍କ ମିଳିତ ପ୍ରୟାସ ଦ୍ୱାରା ଆମେ ଏହି ପ୍ରାକୃତିକ ଆହ୍ୱାନର ସଫଳ ମୁକାବିଲା କରିପାରିବା । ସଚେତନତା ବୃଦ୍ଧି ଏବଂ ପରିବେଶ ଅନୁକୂଳ ଜୀବନଶୈଳୀ ଅବଲମ୍ବନ ହିଁ ଏହାର ଦୀର୍ଘମିଆଦି ସମାଧାନ ହେବ । ■


ଏଜୁକେଶନ୍ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର,
ମୋ: ୮ ୯୧୭ ୬୩୭ ୯ ୭୪



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର

## ପୂଜାରୀଙ୍କୁ ମିଳିବ ପଦୋନ୍ନତି !



ମୁଖ୍ୟମନ୍ତ୍ରୀ ମୋହନ ଜଣେ ସରଳିଆ ଲୋକବୋଲି ତାଙ୍କ ଅନୁଗତମାନେ କହନ୍ତି । ସରଳିଆ ଗୁଣରେ ସିଏ ଯେଉଁମାନଙ୍କୁ ଅତ୍ୟଧିକ ବିଶ୍ୱାସ କରୁଥିଲେ; ସେଇମାନେ କୁଆଡ଼େ ତାଙ୍କ ସରକାରଙ୍କ ପାଇଁ ବିପଦ ଡାକି ଆଣିଛନ୍ତି । ସରକାରରେ ସବୁଠୁ ଅଧିକ ଗୁରୁତ୍ୱ ପାଇଥିବା ବଲାଙ୍ଗୀର ଜିଲ୍ଲାର ଦୁଇ ଟାଣୁଆ ନେତା କନକବର୍ଦ୍ଧନଙ୍କ କାନ୍ଧରେ କୃଷି ଓ ଶକ୍ତି ପରି ଶକ୍ତିଶାଳୀ ବିଭାଗ ନ୍ୟସ୍ତ ଥିବାବେଳେ ମୁକେଶଙ୍କ ମୁଣ୍ଡେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର । ତେବେ ଗଲା ଦି' ବର୍ଷ ଭିତରେ ସରକାର ଯେଉଁ ତିନିଟି ବିଭାଗକୁ ନେଇ ସବୁଠୁ ବେଶୀ ସମାଲୋଚନାର ଶରବ୍ୟ ହୋଇଛନ୍ତି; ତାହା ପଛରେ କୁଆଡ଼େ ଏହି ଦୁଇ ନେତାଙ୍କର ବେଶୀ ଅବଦାନ ଥିବା ଦିଲ୍ଲୀ ଯାଏ କଥା ଯାଇଛି । ଚାଷ ଓ ଚାଷୀ ପ୍ରସଙ୍ଗ ସହ ସ୍ମାର୍ଟ ମିଟର ଓ ବିଜୁଳିକାଟକୁ ନେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ହରିକାଠରେ ପଡ଼ିଛନ୍ତି; ସେମିତି କଟକ ବଡ଼ ଡାକ୍ତରଖାନା ନିଆଁ ଓ ବିଧାନସଭା ଭିତରେ ନିଜର କାର୍ଯ୍ୟକଳାପ ଯୋଗୁଁ ମୁକେଶ ବି ଅକଳରେ । ସେଥିପାଇଁ ଏବେ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ କୁଆଡ଼େ ବାବୁ ସୁରେଶଙ୍କୁ ଭରସା କରୁଛନ୍ତି ବୋଲି କ୍ଷମତା ଅଳିନ୍ଦରେ ଚର୍ଚ୍ଚା । ସାଧାରଣତଃ ମୁଖ୍ୟମନ୍ତ୍ରୀଙ୍କ ପରେ ଅର୍ଥ ଓ ରାଜସ୍ୱ ବିଭାଗର ମନ୍ତ୍ରୀମାନଙ୍କୁ ସରକାରରେ ନମ୍ବର ଦୁଇ କୁହାଯାଇଥାଏ । କିନ୍ତୁ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ଥିବାରୁ ରାଜସ୍ୱ ମନ୍ତ୍ରୀ ସୁରେଶଙ୍କ ସ୍ଥାନ ସରକାରରେ ନମ୍ବର ଚାରି । ତେଣୁ ଆଗାମୀ ଦିନରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟରେ ସୁରେଶଙ୍କ ପଦୋନ୍ନତି ହୋଇପାରେ ବୋଲି ଦିଲ୍ଲୀ ଆଡୁ ଖବର ଆସୁଛି । ଆଉ ଯଦି ଏହି ଖବର ସତ୍ୟ ହୋଇଥାଏ, ତେବେ ସୁରେଶ ଉପମୁଖ୍ୟମନ୍ତ୍ରୀ ବି ହୋଇପାରନ୍ତି । ■

## ଖିଲବାବୁଙ୍କ ବେଳ ଖରାପ



ବାବୁ ମଙ୍ଗୁ ଖିଲ ଜଣେ ଅତି ସରଳିଆ ଲୋକ ଓ ରାଜ୍ୟର ସବୁଠୁ ଗରିବ ବିଧାୟକମାନଙ୍କ ମଧ୍ୟରେ ଜଣେ । ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଉପାନ୍ତ ଚିତ୍ରକୋଣ୍ଡାର ଲୋକମାନେ ତାଙ୍କୁ ବହୁତ ଭଲ ପାଆନ୍ତି ଓ ନିଜ ପ୍ରତିନିଧି କରି ବିଧାନସଭା ପଠାଇଛନ୍ତି । ନିର୍ବାଚନ ସମୟରେ ମଙ୍ଗୁ ଦେଇଥିବା ସତ୍ୟପାଠ ଅନୁସାରେ ତାଙ୍କର ମୋଟ ସମ୍ପତ୍ତି ଦେଢ଼ ଲକ୍ଷ ଟଙ୍କାରୁ କମ୍ । ଅବଶ୍ୟ ଯା ଭିତରେ ସେ ଋଣ କରି ଗାଡ଼ିଟିଏ କିଣିଛନ୍ତି । ତଥାପି ସିଏ ତାଙ୍କ ଅଞ୍ଚଳବାସୀଙ୍କ ପାଇଁ ସବୁବେଳେ ସମର୍ପିତ ବୋଲି ଅନେକ କହୁଥିବା ଶୁଣିବାକୁ ମିଳିଛି । କିନ୍ତୁ ଗୋଟାଏ ପରେ ଗୋଟାଏ ଅଘଟଣ ଘଟିବା ପରେ ମଙ୍ଗୁବାବୁଙ୍କ ସମୟ କୁଆଡ଼େ ଠିକ୍ ଚାଲିନାହିଁ ବୋଲି ମନେ ହେଉଛି । ମଙ୍ଗୁଙ୍କ କୁଣ୍ଡଳୀରେ ଶନି, ରାହୁ, କେତୁ କୁଆଡ଼େ ଚକା ମାଡ଼ି ବସିପଡ଼ିଥିବା ଯୋଗୁଁ ନାନାଦି ସମସ୍ୟା ଘଟିବାରେ ଲାଗିଛି ବୋଲି ଜ୍ୟୋତିଷମାନେ କହୁଛନ୍ତି । ପ୍ରଥମେ ତାଙ୍କୁ ଗୋଟେ ସାପ କାମୁଡ଼ି ଦେଲା, ଉପଯୁକ୍ତ ସମୟରେ ଚିକିତ୍ସା ଯୋଗୁଁ ସେଥିରୁ କୌଣସି ପ୍ରକାରେ ମଙ୍ଗୁବାବୁ ମୁକୁଳିଲେ । ଯା' ପରେ ଭୁବନେଶ୍ୱରରୁ ମାଲକାନଗିରି ଯିବା ସମୟରେ ବସ୍‌ରେ ନିଆଁ ଲାଗିଗଲା, ସେଥିରୁ ମଧ୍ୟ ସେ ବର୍ତ୍ତିଗଲେ । ଏଇ କେତେଦିନ ତଳେ ଏକ ସମାବେଶକୁ ଯିବାବେଳେ ଅକସ୍ମାତ ଝଡ଼ ତୋଫାନ ହେଲା ଓ ବଡ଼ ଗଛଟିଏ ରଟମଟ କରି ତାଙ୍କ ଗାଡ଼ି ଉପରେ ଭାଙ୍ଗି ପଡ଼ିଲା । ସୌଭାଗ୍ୟବଶତଃ ମଙ୍ଗୁବାବୁ ଓ ତାଙ୍କ ସହଯୋଗୀମାନେ ଅଳ୍ପକେ ବଞ୍ଚିଗଲେ ସିନା ଗାଡ଼ିଟି ଚେପା ହୋଇଗଲା । ଗୋଟାକ ପରେ ଗୋଟେ ଅଘଟଣ ପରେ ମଙ୍ଗୁବାବୁ କୁଆଡ଼େ ଗ୍ରହଶାନ୍ତି ଯଜ୍ଞ କରିବବେ ବୋଲି ଶୁଣିବାକୁ ମିଳୁଛି । ■

## ଦଳ ଫଟାଇଲା ଫଳକ



କଳା ଗ୍ରାନାଇଟ୍ ଫଳରେ ସୁନେଲି ରଙ୍ଗରେ ନିଜର ନାମ ନ ରହିଲେ ଆଜିକାଲି କୁଆଡ଼େ ପଦ୍ମୁଆଁ ନେତାମାନଙ୍କ ରକ୍ତଚାପ ମୁଣ୍ଡକୁ ଚଢ଼ି ଯାଉଛି । ବରଗଡ଼ଠୁ ଜଗତସିଂହପୁର, ବାଲେଶ୍ୱରରୁ ଆସ୍କା ପର୍ଯ୍ୟନ୍ତ ଫଳକ ବିବାଦ ଦଳକୁ ଅକଳରେ ପକାଇଛି । ଗୋଟେ ବ୍ୟାନରରେ ନାଁ ନ ଥିବାରୁ ବରଗଡ଼ ସାଂସଦ ପୁରୋହିତ ବାବୁ ମଝିରେ ରଷିଥିବା ଶୁଣିବାକୁ ମିଳିଥିଲା, ବାଲେଶ୍ୱରରେ ବି ନନାଙ୍କ ସମର୍ଥକ ଅନୁରୂପ ଘଟଣା ପାଇଁ ରାଗିଥିବା ଦେଖାଯାଇଥିଲା । ସେଇ ଫଳକ ପାଇଁ ଜଗତସିଂହପୁରରେ ବି ସାଂସଦ-ବିଧାୟକ ବିବାଦ ଚରମ ସୀମାରେ ପହଞ୍ଚିଥିବାବେଳେ ଆସ୍କାରେ ଫଳକ ରାଜନୀତି ପଦ୍ମ ଦଳକୁ ଫାଳଫାଳ କରିଦେଇଛି । ରାମକୃଷ୍ଣ ଦୁହିତା ଅନୀତାଙ୍କ ସମର୍ଥକ ଓ ପୂର୍ଣ୍ଣ ସେଠୀଙ୍କ ସମର୍ଥକଙ୍କ ମଧ୍ୟରେ ଯେପରି ହାତାହାତି ଘଟିଲା, ତାହା ଦଳୀୟ ନେତାଙ୍କୁ ଚିନ୍ତାରେ ପକାଇଛି । ଫଳକରେ ସାଂସଦଙ୍କ ନାମ ଉପରେ ରହିବ ନା ବିଧାୟକଙ୍କ ନାମ ଉପରେ ରହିବ ତାହାକୁ ନେଇ ବିବାଦ ଥମୁନାହିଁ । ପୂର୍ବରୁ କବିସୂର୍ଯ୍ୟନଗରରେ ଏପରି ଘଟଣା ଘଟିଥିଲା, ଏବେ ସମାନ ଘଟଣା ଖଲ୍ଲିକୋଟରେ ବି ଘଟିଛି । ଉପରେ ବିଧାୟକଙ୍କ ନାମ ଓ ତଳେ ସାଂସଦଙ୍କ ନାମ ରହିବାରୁ ବିବାଦ କୁଆଡ଼େ ତୀବ୍ର ହୋଇଛି । ସାଂସଦ ଅନୀତାଙ୍କ ସମର୍ଥକମାନେ ଯାକୁ ସମ୍ମାନର ପ୍ରଶ୍ନ ବୋଲି ଧରି ନେଇଛନ୍ତି । ମାତ୍ର ଫଳକରେ ଅନୀତା ମ୍ୟାଡ଼ାମଙ୍କ ନାମ ଉପରେ ଥାଉ ବା ତଳେ, ଏହାର କିଛି ଅର୍ଥ ଥିବା ମନେହୁଏନା । ଯାହାର ପରିଚିତି ନ ଥାଏ, ସେ ପରିଚୟ ଖୋଜେ । ଗଞ୍ଜାମ ଟାଇଗର ରାମକୃଷ୍ଣ ଦୁହିତା ଅନୀତାଙ୍କର କ'ଣ ଆଉ ଅଧିକ ପରିଚୟ କ'ଣ ଲୋଡ଼ା ? ■

## କଙ୍କଡ଼ାକୁ ସୁହାଏ ଗୋଳିପାଣି



ଜଗତସିଂହପୁର ସାଂସଦ ବିଭୁବାବୁ ହେଉଛନ୍ତି ରାଜନୀତିର ପୁରୁଣା ଖେଳାଳି । ସେ ବାମଦଳରୁ ରାଜନୈତିକ ଜୀବନ ଆରମ୍ଭ କରିଥିଲେ, ଶଙ୍ଖ ସହ ମେଣ୍ଟ କାଳରେ ସିପିଏମ୍‌ରୁ ସଂସଦକୁ ନିର୍ବାଚିତ ହୋଇଥିଲେ । କାର୍ଯ୍ୟକାଳ ସରିବା ପରେ ସେ କଂଗ୍ରେସକୁ ଡେ଼ଇଁ ଲୋକସଭା ପ୍ରାର୍ଥୀ ହେଲେ । ପାଞ୍ଚ ବର୍ଷ ପରେ ଦେଖିବା ବେଳକୁ ବିଭୁବାବୁ ପଦ୍ମ ଧରି ବୁଲୁଛନ୍ତି । ସନ ଉଣେଇଶରେ ପଦ୍ମ ପ୍ରାର୍ଥୀ ଭାବରେ ପରାଜିତ ହେବା ପରେ ଚବିଶିରେ ପଦ୍ମ ଦଳରୁ ସଂସଦକୁ ଯାଇଛନ୍ତି । ବିଭୁବାବୁଙ୍କର କୌଣସି ନିଜସ୍ୱ ସଙ୍ଗଠନ ନାହିଁ, ପରାଙ୍ଗପୁଷ୍ଟ ନିର୍ମଳି ଲତା ପରି ସେ ସବୁବେଳେ କୌଣସି ନା କୌଣସି ଦଳ ଉପରେ ନିର୍ଭରଶୀଳ ବୋଲି ତାଙ୍କ ରାଜନୈତିକ ବିରୋଧୀମାନେ କହୁଥିବା କଥାକୁ ଆମେ କେବେ ବିଶ୍ୱାସ କରିନାହୁଁ । ମାତ୍ର ଜଗତସିଂହପୁର ଲୋକସଭା କ୍ଷେତ୍ର ଅଞ୍ଚଳର କୌଣସି ବିଧାନସଭାସ୍ତରୀୟ ପଦ୍ମ ଦଳିଆ ବିଧାୟକ ବା ପରାଜିତ ବିଧାୟକ ପ୍ରାର୍ଥୀଙ୍କ ସହ ତାଙ୍କର ସମ୍ପର୍କ ଠିକ ନାହିଁ ବୋଲି ଅନେକ କହନ୍ତି । ଶଙ୍ଖ ଦଳିଆ ଏରସମା ସାରଦା ଓ କାକଟପୁର ତୁଷାରକାନ୍ତିଙ୍କ ସହ ବିଭୁଙ୍କ ସମ୍ପର୍କ ସବୁବେଳେ ନାଗନାଡ଼ି ପରି । ମାତ୍ର ପାରାଦୀପ, ଜଗତସିଂହପୁର, ନିମାପଡ଼ା, ନିଆଳିର ପଦ୍ମୁଆଁ ବିଧାୟକଙ୍କ ସହ ବିଭୁଙ୍କର ସମ୍ପର୍କ କେବେ ବି ମଧୁର ଥିବା ଜଣା ନାହିଁ । କଙ୍କଡ଼ାକୁ ଗୋଳିପାଣି କିପରି ସୁହାଏ, ତାହାର ଶାବ୍ଦିକ ବ୍ୟାଖ୍ୟା ଆମେ କରିପାରିବୁ ନାହିଁ । ମାତ୍ର ପଦ୍ମଦଳର ଗୋଳିଆ ରାଜନୀତି କୁଆଡ଼େ ବିଭୁବାବୁଙ୍କୁ ବେଶ୍ ସୁହାଇଛି ବୋଲି ଜଗତସିଂହପୁର ସୋମନାଥ ହାଟରୁ ମଣିଜଙ୍ଗା ହାଟ ପର୍ଯ୍ୟନ୍ତ ଚାଲିଥିବା ଚର୍ଚ୍ଚା ଆମ କାନରେ ବାଜିଛି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।

# ଚାଷ କାର୍ଯ୍ୟରେ ଏଲ୍ ନିନୋର ପ୍ରଭାବ



ସାମ୍ପ୍ରତିକ ସମୟରେ ବିଶ୍ୱରେ ବଢୁଥିବା ଜନସଂଖ୍ୟା ଓ ଖାଦ୍ୟ ଖାଇବା ଶୈଳୀର ପରିବର୍ତ୍ତନ ସବୁଠାରୁ ବଡ଼ ଆହ୍ୱାନ । ଏକ ବଡ଼ ଚ୍ୟାଲେଞ୍ଜ ଭାବରେ ଖାଦ୍ୟ ନିରପତ୍ତା ଏବର ସମୟରେ ଆଲୋଡ଼ନ ସୃଷ୍ଟି କରିଛି । ତଥ୍ୟ ଅନୁଯାୟୀ ବିଶ୍ୱକୁ ୨୦୫୦ ମସିହା ସୁଦ୍ଧା ୯ ବିଲିୟନ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ପାଖପାଖି ୬୦ ପ୍ରତିଶତରୁ ଅଧିକ ଉତ୍ପାଦନ କରାଇବାର ଆବଶ୍ୟକତା ରହିଛି । ସମୟ ବଦଳୁଛି , ଲୋକଙ୍କର ବଞ୍ଚିବାର ଢାଞ୍ଚା ବି ବଦଳୁଛି । ପରିବେଶର ପାରିପାର୍ଶ୍ୱିକ ପରିସ୍ଥିତ ବି ବଦଳୁଛି । ଏହାରି ଭିତରେ ଜଳବାୟୁ ପରିବର୍ତ୍ତନ ଏକ ଉତ୍କଟ ସମସ୍ୟା ସୃଷ୍ଟି କରିଛି । ଆପଣମାନେ ସଭିଏଁ ଉଣା ଅଧିକେ ଏ ପରିବର୍ତ୍ତନର ଆଭାସକୁ ଅନୁଭବ କରୁପାରୁଥିବେ । ସାମାଜିକ ମଣିଷ ଭାବରେ ଆମେ ଏହାର ପ୍ରତ୍ୟକ୍ଷଦର୍ଶୀ । ଏହି ଉପକ୍ରମରେ ଯଦି ଆମେ ଚାଷ ବା କୃଷିର କଥାକୁ ଅନୁମେୟ କରିବା, ତେବେ ଏହି ଜଳବାୟୁ ପରିବର୍ତ୍ତନ ଚାଷ ଜମିରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି ।



ଡି. ଶୁଭମ୍



## ହ୍ରାସ ହୋଇପାରେ ଫସଲ ଉତ୍ପାଦନ

ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କୃଷି କ୍ଷେତ୍ରରେ ଏବେ ନାହିଁ ନଥିବା କ୍ଷତି ସହିବାକୁ ପଡୁଛି । ପ୍ରକାଶ ପାଇଥିବା ଏକ ତଥ୍ୟ ଅନୁସାରେ, ୨୦୧୦ ରୁ ୨୦୩୯ ମଧ୍ୟରେ ଭାରତରେ ମୁଖ୍ୟତଃ ଫସଲ ଉତ୍ପାଦନରେ କ୍ଷତି ୯ ପ୍ରତିଶତ ବୃଦ୍ଧି ପାଇପାରେ । ଏମିତିକି ଏହା ଧାନରେ ୩୫ ପ୍ରତିଶତ, ଗହମରେ ୨୦ ପ୍ରତିଶତ, ବାଜରାରେ ୫୦ ପ୍ରତିଶତ ଓ ମକାରେ ୬୦ ପ୍ରତିଶତ ଯାଏଁ ହୋଇପାରେ । ୧୯୦୧ ରୁ ୨୦୧୮ ଭିତରେ ଜଳବାୟୁ ପରିବର୍ତ୍ତନ ଏମିତି ଶୀର୍ଷ ସ୍ଥାନରେ ପହଞ୍ଚିଛି ଯେ, ବିଶ୍ୱ ତାପମାତ୍ରା ୦.୬ ଡିଗ୍ରୀରୁ ବୃଦ୍ଧି ପାଇ ୨୫.୧ ଡିଗ୍ରୀରେ ପହଞ୍ଚିଛି । ଭାରତର ଅନେକ ଅଞ୍ଚଳ ବର୍ଷା ଉପରେ ମୁଖ୍ୟ ଭାବରେ ନିର୍ଭର କରନ୍ତି । କିନ୍ତୁ ଏହି ତାପମାତ୍ରା ବୃଦ୍ଧି ସହ ଅଦିନିଆ ବର୍ଷା ଫସଲ କ୍ଷତିର ପ୍ରମୁଖ କାରଣ ଭାବରେ ଉଭା ହୋଇଛି । ଏପରି ସ୍ଥଳରେ ବିଭିନ୍ନ ଫସଲର ଉତ୍ପାଦ ହାର ୨୧୦୦ ମସିହା ସୁଦ୍ଧା ୧୦-୪୦ ପ୍ରତିଶତକୁ ହ୍ରାସ ପାଇପାରେ ବୋଲି ଅନୁମାନ କରାଯାଉଛି ।

ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗରେ ସମୁଦ୍ର ପୃଷ୍ଠର ତାପମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇବାରୁ ଏଲ୍ ନିନୋ ସୃଷ୍ଟି ହୁଏ । ସାଧାରଣତଃ ପ୍ରତି ୨ରୁ ୭ ବର୍ଷ ମଧ୍ୟରେ ଏହା ଦେଖାଯାଏ ଏବଂ ବିଶ୍ୱର ବିଭିନ୍ନ ଅଞ୍ଚଳର ପାଣିପାଗ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଏ । ଭାରତ ସମେତ ଦକ୍ଷିଣ ଏସିଆର ଦେଶଗୁଡ଼ିକରେ ଏଲ୍ ନିନୋ ମୌସୁମୀ ବର୍ଷାକୁ ପ୍ରଭାବିତ କରି କୃଷି, ଜଳସଂପଦ ଏବଂ ଜୀବିକା ଉପରେ ଗଭୀର ପ୍ରଭାବ ବିସ୍ତାର କରିବା ସହ ଅନ୍ୟ ପଟେ ଚାଷ ଜମିରେ ଅନେକ କ୍ଷତି କରିଥାଏ । ବିଗତ ବର୍ଷ ମାନଙ୍କରେ ଏହି ଏଲ ନିନୋର ପ୍ରଭାବ ମଧ୍ୟ ଅନେକ ଅନୁଭବ କରିଛନ୍ତି ।

| ବର୍ଷ | ମୌସୁମୀ ବର୍ଷାର ପରିମାଣ ହ୍ରାସ ପ୍ରତିଶତ |
|---|---|
| ୧୯୮୭ | ୧୯% |
| ୨୦୦୨ | ୧୯% |
| ୨୦୦୯ | ୨୨% |
| ୨୦୧୫ | ୧୪% |

ଜଳବାୟୁ ପରିବର୍ତ୍ତନ ଓ ଏଲ୍ ନିନୋ ପରସ୍ପରର ପରିପୂରକ । ଶିଳ୍ପାୟନ, ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର, ଜଙ୍ଗଲ ନଷ୍ଟ ଓ ସବୁଜ ଗୃହ ଗ୍ୟାସ ନିର୍ଗମନ ଯୋଗୁଁ ପୃଥିବୀର ତାପମାତ୍ରା କ୍ରମାଗତ ଭାବରେ ବଢୁଛି । ଏହି ବିଶ୍ୱ ତାପମାନ ବୃଦ୍ଧି ଯୋଗୁଁ ଏଲ୍ ନିନୋର ପ୍ରଭାବ ଆହୁରି ଶକ୍ତିଶାଳୀ ହେଉଛି । ଭାରତ ଓ ଓଡ଼ିଶା ପରି କୃଷିପ୍ରଧାନ ରାଜ୍ୟଗୁଡ଼ିକ ପାଇଁ ଏଲ୍ ନିନୋ ଏକ ବଡ଼ ଚ୍ୟାଲେଞ୍ଜ । ଏହା ବର୍ଷାର ପରିମାଣ ହ୍ରାସ କରିଥାଏ । ଓଡ଼ିଶାର ଚାଷୀମାନେ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ୬୦-୭୦ ଭାଗ ନିର୍ଭରଶୀଳ । ବର୍ଷା ଅଭାବରୁ ପ୍ରମୁଖ ଫସଲ ଭାବରେ ଧାନ, ଡାଲି, ତୈଳବୀଜ, ଆଖୁ ଓ ପନିପରିବା ଭଳି ଫସଲର ଉତ୍ପାଦନ କମିଯାଏ । ଅନ୍ୟ ପଟେ ଚାଷୀମାନଙ୍କ ଉତ୍ପାଦନ ଖର୍ଚ୍ଚ ବଢ଼ିଯାଏ । ଅନେକ ସମୟରେ ଫସଲ ନଷ୍ଟ ହୋଇ କୃଷକମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୁଅନ୍ତି । ଏହି ପରିସ୍ଥିତିରେ ଜଳ ସଂରକ୍ଷଣ, ପ୍ରାକୃତିକ କୃଷି, ଜଳବାୟୁ-ସହନଶୀଳ ଫସଲ, ବୃକ୍ଷରୋପଣ ଓ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଆବଶ୍ୟକ । ପାଣିପାଗ ବିଜ୍ଞାନୀ ତଥା କୃଷି ବିଜ୍ଞାନୀମାନଙ୍କ ପରାମର୍ଶ ଗ୍ରହଣ କରି ଚାଷୀମାନେ ଚାଷ କରିବା ଆବଶ୍ୟକ । ପରିବେଶ ସୁରକ୍ଷା ଓ ଚିରନ୍ତନ କୃଷି ପଦ୍ଧତି ଅନୁସରଣ କରିବା ହିଁ ଭବିଷ୍ୟତ ପିଢ଼ି ପାଇଁ ଏକ ସୁରକ୍ଷିତ ଓ ସମୃଦ୍ଧ ପୃଥିବୀ ଗଢ଼ିବାର ମୂଳ ଆଧାର ।

## ଜଳବାୟୁ ପରିବର୍ତ୍ତନର ମୁକାବିଲା

ଜଳବାୟୁ ଅନୁକୂଳ କୃଷି ଉତ୍ପାଦକତା ଓ ଆୟକୁ ବଢ଼ାଇବା ସହ ଜଳବାୟୁ ପରିବର୍ତ୍ତନ ସହ ମୁକାବିଲା କରେ । ଯେପରିକି ସଂରକ୍ଷଣ କୃଷି , କୃଷି ବନୀକରଣ, ସମନ୍ୱିତ କୃଷି ଇତ୍ୟାଦି । ଏହା ବ୍ୟତୀତ ଚାଷୀମାନେ ବର୍ଷାଜଳ ସଂରକ୍ଷଣ ଉପରେ









ଗୁରୁତ୍ୱ ଦେବା ଆବଶ୍ୟକ । ସରକାରଙ୍କ ବିଭିନ୍ନ ଯୋଜନା ଯଥା ଫାର୍ମ ପଣ୍ଡ, ଚେକ୍ ଡ୍ୟାମ୍, ଖେତ ପାଖରେ ଜଳ ସଂରକ୍ଷଣ ଏବଂ ଛୋଟ ଜଳାଶୟ ନିର୍ମାଣ କରି ବର୍ଷାଜଳକୁ ସଂରକ୍ଷିତ କରାଯାଇପାରିବ । ଏହା ବର୍ଷାଭାବ ସମୟରେ ଜଳସେଚନର ଅସୁବିଧାକୁ ଦୂର କରିବ ।

ଦ୍ୱିତୀୟତଃ, ତାପମାତ୍ରା ସହନଶୀଳ ଓ ସ୍ୱଳ୍ପ ଅବଧିର ଫସଲ କିସମ ଚାଷ କରିବା ଉଚିତ । ଧାନ ସହିତ ମାଣ୍ଡିଆ, ବାଜରା, ମୁଗ, ବିରି ଓ ଅନ୍ୟାନ୍ୟ ମାଣ୍ଡିଆ ଫସଲ କମ୍ ପାଣିରେ ମଧ୍ୟ ଭଲ ଉତ୍ପାଦନ ଦେଇଥାଏ । ଫସଲ ବିବିଧୀକରଣ ତଥା ଅଣଧାନ ଫସଲ ଚାଷ ଉପରେ ଚାଷୀମାନେ ପ୍ରାଧାନ୍ୟ ଦେବା ଆବଶ୍ୟକ । ପ୍ରାକୃତିକ କୃଷି ଓ ଜୈବିକ ପଦ୍ଧତି ଅବଲମ୍ବନ କରି ମୃତ୍ତିକାର ଜଳ ଧାରଣ କ୍ଷମତା ବଢ଼ାଯାଇ ପାରିବ । ଜୀବାମୃତ, ଘନଜୀବାମୃତ, ଏବଂ ଜୈବ ସାର ବ୍ୟବହାର କରିବା ଦ୍ୱାରା ମାଟିର ଜଳୀୟ ଅଂଶ ମଧ୍ୟ ବୃଦ୍ଧି ପାଇପାରିବ । ବୁନ୍ଦା ଜଳସେଚନ ମାଧ୍ୟମରେ ୩୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ପାଣି ସଂଚୟ କରାଯାଇପାରିବ । ଏଥିସହିତ ଚାଷୀମାନେ କୃଷି ବିଭାଗର ପାଣିପାଗ ପୂର୍ବାନୁମାନ ଉପରେ ନଜର ରଖି ଚାଷ ଯୋଜନା କରିବା ଉଚିତ । ସମୟୋପଯୋଗୀ ସୂଚନା ଆଧାରରେ ଫସଲ ପରିଚାଳନା କଲେ କ୍ଷତି କମିପାରିବ । ଏଲ୍ ନିନୋର ପ୍ରଭାବକୁ ସଂପୂର୍ଣ୍ଣ ରୋକିବା ସମ୍ଭବ ନହେଲେ ମଧ୍ୟ ଜଳ ସଂରକ୍ଷଣ, ପ୍ରାକୃତିକ କୃଷି, ଫସଲ ବିବିଧୀକରଣ ଏବଂ ବୈଜ୍ଞାନିକ ପରାମର୍ଶ ଅନୁସରଣ କରି ଓଡ଼ିଶାର ଚାଷୀମାନେ ଏହାର କୁପ୍ରଭାବକୁ ଯଥେଷ୍ଟ ପରିମାଣରେ କମାଇପାରିବେ । ■

ଜୈବ ନିରୀକ୍ଷକ
ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର
ମୋ: ୯୪୩୮୪୬୭୦୭୯

# କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ ଆଶା କରୁଥିବା ଦିଗରୁ ସୁଫଳ ପାଇବେ । ସମସ୍ୟାର ସମାଧାନ ଘଟିବ । ବୁଧ, ଗୁରୁବାରରେ ଅଧିକ ବିଶ୍ୱାସ କରି ଠକାମିରେ ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେବ । ପ୍ରେମ ଓ ଦାମ୍ପତ୍ୟ ସମ୍ପର୍କ ଭଲ ରହିବ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ନୂତନ ନିବେଶ ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ । କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ । ବୁଧ, ଗୁରୁବାରରେ ପରିବାରଠାରୁ ସହଯୋଗ ନପାଇ ଦୁଃଖିତ ହେବେ । ଶୁକ୍ର, ଶନିବାରରେ ବେରୋଜଗାରିଆଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ନୂତନ ନିବେଶ ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ । କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ । ବୁଧ, ଗୁରୁବାରରେ ପରିବାରଠାରୁ ସହଯୋଗ ନପାଇ ଦୁଃଖିତ ହେବେ । ଶୁକ୍ର, ଶନିବାରରେ ବେରୋଜଗାରିଆଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ସ୍ୱାସ୍ଥ୍ୟ ଭଲ ରହିବ । ବେପାରରେ ମନମୁତାବକ ଫଳ ପାଇବେ । ବୁଧ, ଗୁରୁବାରରେ ଆର୍ଥିକସ୍ଥିତି ସ୍ୱଚ୍ଛଳ ରହିବ । ଶୁକ୍ର, ଶନିବାରରେ କୋର୍ଟକଚେରି ମାମଲାରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ଚଳଚଞ୍ଚଳ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ବୁଧ, ଗୁରୁବାରରେ ବ୍ୟବସାୟର ପ୍ରସାର ହୋଇପାରେ । ଶୁକ୍ର, ଶନିବାରରେ ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ଦୂରଯାତ୍ରା ଯୋଗ ରହିଛି ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ । ବୁଧ, ଗୁରୁବାରରେ ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ । ଶୁକ୍ର, ଶନିବାରରେ ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତିତ ରହିବେ । ସୁଖ ସନ୍ତୋଷର ଅଧିକାରୀ ହେବେ ।

**ତୁଳା**
ରବି, ସୋମ, ମଙ୍ଗଳବାରରେ କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହେବେ । ଭୁଲ୍ ବୁଝାମଣା ପାଇଁ ସମ୍ପର୍କରେ ତିକ୍ତତା ଦେଖାଦେବ । ବୁଧ, ଗୁରୁବାରରେ ଅଯଥା ଖର୍ଚ୍ଚରୁ ନିବୃତ୍ତ ରୁହନ୍ତୁ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହୋଇପାରେ । ବିଦେଶ ଯାତ୍ରା ଯୋଗ ରହିଛି ।

**ବିଚ୍ଛା**
ରବି, ସୋମ, ମଙ୍ଗଳବାରରେ ମନ ଅସ୍ଥିର ରହିବ । କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହୋଇପାରେ । ବୁଧ, ଗୁରୁବାରରେ ବ୍ୟବସାୟିକ ଆୟବ୍ୟୟ ସମାନ ରହିବ । ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ ପାଇ ଆଗକୁ ବଢ଼ିବେ ।

**ଧନୁ**
ରବି, ସୋମ, ମଙ୍ଗଳବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ । ଦୀର୍ଘଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭାନ୍ୱିତ ହେବେ । କଠିନ ପରିଶ୍ରମ କରି ସଫଳତା ପାଇବେ ।

**ମକର**
ରବି, ସୋମ, ମଙ୍ଗଳବାରରେ ଅତିଥିଙ୍କ ଆଗମନ ହୋଇପାରେ । ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ବୁଧ, ଗୁରୁବାରରେ ବ୍ୟବସାୟରେ ଅଧିକ ପୁଞ୍ଜି ନିବେଶ କରି ଲାଭବାନ ହେବେ । ଶୁକ୍ର, ଶନିବାରରେ ଉଚ୍ଚ ଆଶା ପୂରଣ ହେବେ । କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ି ଯାଇପାରନ୍ତି । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ଶୁକ୍ର, ଶନିବାରରେ ସମସ୍ୟାରେ ପଡ଼ିଯାଇ ପାରନ୍ତି ।

**ମୀନ**
ରବି, ସୋମ, ମଙ୍ଗଳବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ପରିବାର ସହଯୋଗରେ ଅର୍ଥଚିନ୍ତା ଦୂର ହେବ । ସନ୍ତାନମାନେ କ୍ୟାରିୟରରେ ଉନ୍ନତି କରିବେ । ■